Bhubaneswar- 14 August 2026
ଭୁବନେଶ୍ୱର- ୧୪ ଅଗଷ୍ଟ ୨୦୨୬
Vol- 1 Issue - 108
ଭାଗ- ୧ ସଂଖ୍ୟା- ୧୦୮
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

ଶକ୍ତି ବିଭାଗର ପ୍ରସ୍ତାବିତ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ ସେବା

- ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍
- ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ସ୍ଥାପିତ
- ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ନିର୍ମାଣ କରାଯାଉଛି ୭୬୫ କେଭି ଗ୍ରୀଡ୍‌ର ରିଙ୍ଗ୍ ସିଷ୍ଟମ୍



**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା ଶକ୍ତି ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରୁ ଜଣାଯାଇଛି ଯେ, ବର୍ତ୍ତମାନ ରାଜ୍ୟରେ ୨୧୦ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ଅଛି । ସେଥିମଧ୍ୟରୁ ଗତ ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ କରାଯାଇଛି। ସେହିଭଳି ୨ ବର୍ଷ ମଧ୍ୟରେ ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ମଧ୍ୟ ବିଛାଯାଇଛି। ବୈଠକରେ ୨୦୩୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ରାଜ୍ୟବାସୀଙ୍କ ପାଇଁ ନିରବଚ୍ଛିନ୍ନ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ତଥା ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ୭୬୫ କେଭି ଗ୍ରୀଡ୍‌ର ଏକ ରିଙ୍ଗ୍ ସିଷ୍ଟମ୍ ସ୍ଥାପନ କରାଯାଉଛି ବୋଲି ବୈଠକରୁ ଜଣାଯାଇଛି। ଏହି ସିଷ୍ଟମ ପାଇଁ ଅନୁଗୋଳ ଓ ସୁନ୍ଦରଗଡ଼ରେ ୨ଟି ୭୬୫/୪୦୦ କେଭି ଗ୍ରୀଡ୍ କାର୍ଯ୍ୟକ୍ଷମ ଥିବା ବେଳେ ଗୋପାଳପୁର ଓ ପାରାଦୀପରେ ୨ଟି ୭୬୫/୪୦୦ କେଭି ବିଶିଷ୍ଟ ଗ୍ରୀଡ୍ ଷ୍ଟେସନ୍ ନିର୍ମାଣ କରାଯାଉଛି। ଏହା ସହିତ କୋଲାବିରା, ଢୁବୁରି ଓ ଆଠଗଡ଼ ନିକଟସ୍ଥ ବେତଖୋଲି ଠାରେ ଆଉ ୩ଟି ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି । ବୈଠକରୁ ଜଣାଯାଇଛି ଯେ, ରାଜ୍ୟରେ ୪୦୦ କେଭି ବିଶିଷ୍ଟ ୫ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ଆଉ ୪ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣାଧୀନ ରହିଛି ଏବଂ ୨ଟି ଟେଣ୍ଡର ଷ୍ଟେଜ୍‌ରେ ଅଛି । ଆଗକୁ ଆହୁରି ୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ କରିବାର ଯୋଜନା ରହିଛି । ଏସବୁ ସବ୍‌ଷ୍ଟେସନ୍ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ । ସେହିଭଳି, ବିଭିନ୍ନ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି। ୨୦୩୦-୩୧ ସୁଦ୍ଧା ରାଜ୍ୟରେ ପ୍ରାୟ ୫୯୦ଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି । ଏହି ଶିଳ୍ପ ସଂସ୍ଥା ତଥା ଉପଭୋକ୍ତା ମାନଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୬ ହଜାର କୋଟି ଟଙ୍କାର ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି।

ଝୁଲିଲା ନୂଆ ଡିଜିପି ନିଷ୍ପତ୍ତି

## ୧୮ ଯାଏଁ ବ୍ରେକ୍ ଲଗାଇଲେ ସୁପ୍ରିମକୋର୍ଟ

- ୟୁପିଏସସିରେ ହେବାକୁ ଥିବା ବୈଠକ ବାତିଲ

**ଭୁବନେଶ୍ୱର:** ଓଡ଼ିଶାର ପରବର୍ତ୍ତୀ ପୁଲିସ ମୁଖିଆ (ଡିଜିପି) ଚୟନ ପ୍ରକ୍ରିୟାରେ ଆଜି ବ୍ରେକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ରାଜ୍ୟ ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ବ୍ୟାକଡୋର ଏଣ୍ଟ୍ରି ଗ୍ରହଣୀୟ ନୁହେଁ ଓ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଶେଷ ନହେବା ପର୍ଯ୍ୟନ୍ତ ଚୟନ କମିଟି ବୈଠକ ବସିବ ନାହିଁ ବୋଲି ୟୁପିଏସସି ଆଜି ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛି। ଏହାସହିତ ଆଜି ସନ୍ଧ୍ୟା ସାଢ଼େ ୫ଟାରେ ୟୁପିଏସସିରେ ହେବାକୁ ଥିବା ବୈଠକ ମଧ୍ୟ ବାତିଲ ହୋଇଯାଇଛି। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ତାରିଖକୁ ଧାର୍ଯ୍ୟ କରିଛନ୍ତି। ସୂଚନା ଅନୁସାରେ, ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠଙ୍କ ଆଗରେ ଆଜି ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ସ୍ୱତନ୍ତ୍ର ମେନସନ୍ ମାଧ୍ୟମରେ ଏହି ଜନସ୍ୱାର୍ଥ ମାମଲାକୁ ଉଠାଇଥିଲେ। ଖଣ୍ଡପୀଠ ମଧ୍ୟାହ୍ନଭୋଜନ ବିରତିରେ ଯିବା ପୂର୍ବରୁ ଚିଦାମ୍ବରମ୍ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶାବଳୀକୁ ଉଲ୍ଲଘଂନ କରି ଓଡ଼ିଶା ଡିଜିପି ଚୟନ ପ୍ରକ୍ରିୟା କରାଯାଉଛି। ଯଦିଓ ଆଜି ଶୁଣାଣି ପାଇଁ ଏହି ମାମଲା ତାଲିକାଭୁକ୍ତ ହୋଇଛି କିନ୍ତୁ ସମୟ ଅଭାବ(ଆଇଟମ ନମ୍ବର-୨୬)ରୁ ଶୁଣାଣି ସମ୍ଭବପର ହେବନି। ଚୂଡ଼ାନ୍ତ ପ୍ରାର୍ଥୀ ଚୟନ ପାଇଁ ୟୁପିଏସସି ଆଜି ହିଁ ବୈଠକ କରିବାକୁ ଯାଉଛନ୍ତି। ସୁପ୍ରିମକୋର୍ଟଙ୍କ ଶୁଣାଣି ଏଡ଼ାଇବା ଓ ୟୁପିଏସସିକୁ ପଠାଯାଇଥିବା ପ୍ୟାନେଲରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଦୁଇଦିନ ପୂର୍ବରୁ ଜଣେ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି ବୋଲି ସେ ଖଣ୍ଡପୀଠଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସରକାରଙ୍କ ପକ୍ଷ ରଖି ନିୟମ ଉଲ୍ଲଘଂନ ହୋଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ସର୍ଭିସ ରିଲେଟେଡ୍( ଚାକିରି ସହ ଜଡ଼ିତ) ବିବାଦରେ ଜନସ୍ୱାର୍ଥ ମାମଲାର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ନୂଆ ଡିଜି ନିଯୁକ୍ତି ନହେଲେ ରାଜ୍ୟକୁ କାର୍ଯ୍ୟକାରୀ ଡିଜିପିଙ୍କ କାର୍ଯ୍ୟ ଚଳାଇବାକୁ ପଡ଼ିବ, ଯାହାକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଘଂନ ବୋଲି ଶ୍ରୀ ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ। ଏସବୁ ଶୁଣିବା ପରେ ଖଣ୍ଡପୀଠ ମଧ୍ୟ କୌଣସି ପ୍ରଭାବିତ ଅଫିସର କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନଥିବାରୁ ଜନସ୍ୱାର୍ଥ ମାମଲାର ଗ୍ରହଣଯୋଗ୍ୟତାକୁ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ଆଉ ଏନେଇ ଉକ୍ତ ମାମଲାର ଆମିକସକ୍ୟୁରୀ ବରିଷ୍ଠ ଓକିଲ ରାଜୁ ରାମଚନ୍ଦ୍ରନଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଶ୍ରୀ ରାମଚନ୍ଦ୍ରନ୍ ମଧ୍ୟ ଏହି ଜନସ୍ୱାର୍ଥ ମାମଲା ସଂକ୍ରାନ୍ତ ଆବେଦନକୁ ସମର୍ଥନ କରି ରାଜ୍ୟ ସରକାର ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ଉଲ୍ଲଘଂନ କରିଥିବା ନେଇ ସମ୍ମତି ଦେବା ପରେ ଖଣ୍ଡପୀଠ କଡ଼ା ଆଭିମୁଖ୍ୟ ପୋଷଣ କରିଥିଲେ। ଡିଜିପି ନିଯୁକ୍ତିରେ କୌଣସି ପ୍ରକାରର ବ୍ୟାକଡୋର ଏଣ୍ଟ୍ରି ଗ୍ରହଣଯୋଗ୍ୟ ନୁହେଁ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୟୁପିଏସସି ନିଜର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ ନାହିଁ ବୋଲି କହିଛି। ଖଣ୍ଡପୀଠଙ୍କ ଆଦେଶ ଅନୁରୂପ ଆସନ୍ତା ଅଗଷ୍ଟ ୧୮ତାରିଖର ଶୁଣାଣି ପୂର୍ବରୁ କୌଣସି ଚୂଡ଼ାନ୍ତ ବୈଠକ କରାଯିବ ନାହିଁ ବୋଲି ୟୁପିଏସସି ପ୍ରତିଶ୍ରୁତି ଦେଇଛନ୍ତି।

ଏଗ୍ରିଷ୍ଟେକ୍ ବିବାଦରେ ପ୍ୟାକ୍ସ ବନ୍ଦ

## ସମ୍ବଲପୁରରେ ଚାଷୀ ପଞ୍ଜୀକରଣ ଠପ୍

- ଲ୍ୟାମ୍ପ କାର୍ଯ୍ୟାଳୟରେ ତାଲା ପକାଇଲେ



**ସମ୍ବଲପୁର:** ସମ୍ବଲପୁର ଚାଉଁରପୁର ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ଝୁଲୁଛି, ଆଉ ବାହାରେ ଚାଷୀଙ୍କ ନାରାବାଜି। ଏଗ୍ରିଷ୍ଟେକ୍‌କୁ ନେଇ ରାଜ୍ୟ ସରକାରଙ୍କ ନୀତି ବିରୋଧରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆନ୍ଦୋଳନ ଆରମ୍ଭ କରିବା ପରେ ସମ୍ବଲପୁର ଜିଲ୍ଲାର ସମସ୍ତ ପ୍ୟାକ୍ସ ଓ ଲାମ୍ପ୍ସ ବନ୍ଦ କରିଦେଇଛନ୍ତି ଚାଷୀ। ଫଳରେ ଚାଷୀ ପଞ୍ଜୀକରଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଚାଷୀ ସଂଗଠନର ଦାବି ହେଉଛି, ଏଗ୍ରିଷ୍ଟେକ୍ ବ୍ୟବସ୍ଥା ପ୍ରତ୍ୟାହାର କରାଯାଉ କିମ୍ବା ଏଗ୍ରିଷ୍ଟେକ୍ ଆଇଡି ନଥିଲେ ମଧ୍ୟ ଟୋକନ୍ ମିଳିବ ବୋଲି ସରକାର ଲିଖିତ ଭାବେ ଆଶ୍ୱାସନ ଦିଅନ୍ତୁ। ଏହି ଦାବି ପୂରଣ ନହେଲେ ଆସନ୍ତା ୧୬ ତାରିଖରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। କେବଳ ସମ୍ବଲପୁର ନୁହେଁ, କୁଚିଣ୍ଡାର ବିଭିନ୍ନ ପ୍ୟାକ୍ସରେ ମଧ୍ୟ ତାଲା ମାରି ଚାଷୀମାନେ ଧରଣା ଦେଉଛନ୍ତି। ଏପଟେ ଅନ୍ନଦାତାଙ୍କ ମନରେ ସୃଷ୍ଟି ହୋଇଛି ଅସଂଖ୍ୟ ସନ୍ଦେହ। ଚାଷୀମାନଙ୍କ କହିବା ଅନୁଯାୟୀ, ସରକାରଙ୍କ ବିଭିନ୍ନ ମନ୍ତ୍ରୀ ଭିନ୍ନ ଭିନ୍ନ କଥା କହୁଛନ୍ତି, ତେଣୁ କାହାକୁ ଭରସା କରିବେ ସେନେଇ ଦ୍ୱନ୍ଦ୍ୱ ରହିଛି। କୃଷକ ସଂଗଠନ ପ୍ରଶ୍ନ କରିଛି, ଯଦି କ୍ୟାବିନେଟ୍‌ରେ ଏନେଇ ନିଷ୍ପତ୍ତି ହୋଇଛି, ତେବେ ସରକାର ଲିଖିତ ଭାବେ ସ୍ପଷ୍ଟ କାହିଁକି କରୁନାହାନ୍ତି ଆନ୍ଦୋଳନ ସହିତ ପଞ୍ଜୀକରଣ ପ୍ରକ୍ରିୟାରେ ମଧ୍ୟ ଗୁରୁତର ସମସ୍ୟା ଦେଖାଦେଇଛି। ଚାଷୀମାନଙ୍କ ଅଭିଯୋଗ, ଏଗ୍ରିଷ୍ଟେକ୍ ସାଇଟ୍ ଅତ୍ୟନ୍ତ ସ୍ଲୋ ଚାଲୁଥିବାରୁ ପଞ୍ଜୀକରଣ କଚ୍ଛପ ଗତିରେ ହେଉଛି। ଚାଉଁରପୁର ପ୍ୟାକ୍ସ ଅଧୀନରେ ୯୦୦ରୁ ଅଧିକ ଚାଷୀ ଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୫୦ ଜଣଙ୍କ ପଞ୍ଜୀକରଣ ହୋଇପାରିଛି। ଏହି ଗତି ଜାରି ରହିଲେ ଅଗଷ୍ଟ ୩୧ ସୁଦ୍ଧା ସମସ୍ତ ଚାଷୀଙ୍କ ପଞ୍ଜୀକରଣ ସମ୍ପୂର୍ଣ୍ଣ ହେବ କି ନାହିଁ ସେନେଇ ଆଶଙ୍କା ବଢ଼ିଛି। ଚାଉଁରପୁର ସେବା ସମବାୟ ସମିତିର ସଭାପତି ମଧ୍ୟ ସାଇଟ୍‌ର ଧୀର ଗତିକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଏଭଳି ପରିସ୍ଥିତି ଜାରି ରହିଲେ ଚାଷୀମାନେ ସମୟ ସୀମା ମଧ୍ୟରେ ପଞ୍ଜୀକରଣ କରାଇପାରିବେ ନାହିଁ। ଏଗ୍ରିଷ୍ଟେକ୍‌କୁ ନେଇ ଚାଷୀଙ୍କ ଅସନ୍ତୋଷ, ପ୍ୟାକ୍ସ ବନ୍ଦ ଓ ପଞ୍ଜୀକରଣ ଠପ୍ ହେବା ପରେ ଖରିଫ ଧାନ କ୍ରୟ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନଚିହ୍ନ ଦେଖାଦେଇଛି। ଏବେ ଚାଷୀମାନେ ସରକାରଙ୍କ ସ୍ପଷ୍ଟ ଲିଖିତ ଆଶ୍ୱାସନକୁ ଅପେକ୍ଷା କରିଥିବା ବେଳେ ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନ ଆହୁରି ତୀବ୍ର ହେବାର ସମ୍ଭାବନା ଦେଖାଦେଇଛି।

## ଓଏଏସ୍ ଅଫିସରଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ବରଗଡ଼:** ଲାଞ୍ଚ ମାମଲାରେ ବରଗଡ଼ ଜିଲ୍ଲା ବିଜେପୁରର ପୂର୍ବତନ ଅତିରିକ୍ତ ତହସିଲଦାର (ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ପୌରପାଳିକାର ନିର୍ବାହୀ ଅଧିକାରୀ) ତଥା ଓଏଏସ୍ ଅଫିସର ଗୋବିନ୍ଦ ଦଣ୍ଡସେନା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଆଜି ବରଗଡ଼ର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ଜରିମାନା ପକାଇଛନ୍ତି। ଏକ ମ୍ୟୁଟେସନ ମାମଲରେ ଜଣେ ଜମି ମାଲିକଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ସେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଲାଞ୍ଚ ଦାବି କରିବା ଓ ନେବା ଅଭିଯୋଗରେ ଦୁର୍ନୀତି ନିବାରଣ ଆଇନ୍ , ୧୯୮୮ର ଧାରା ୧୩(୨) ୧୩(୧)(ଘ)/୭ ଅଧୀନରେ ଭିଜିଲାନ୍ସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ତାଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ବରଗଡ଼ର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ମାମଲାର ଶୁଣାଣି ଚାଲିଥିବା ବେଳେ ଆଜି ଆସିଛି ରାୟ। ଦୋଷୀ ସାବ୍ୟସ୍ତ ହୋଇ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପାଇଥିବା ଓଏଏସ୍ ଅଫିସର ଗୋବିନ୍ଦ ଦଣ୍ଡସେନାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ସୁପାରିଶ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ୩୦୦୦୦ ମେଗାୱାଟ୍‌ର ଦୁଇଟି ସ୍ୱଚ୍ଛଶକ୍ତି ପାୱାର ପ୍ଲାଣ୍ଟ କରିବ ଆଦାନୀ ଗ୍ରୁପ୍

**ଭୁବନେଶ୍ୱର :** ପମ୍ପଡ୍ ଷ୍ଟୋରେଜ୍ ପ୍ଲାଣ୍ଟ ( ପିଏସପି) ସୌରଶକ୍ତି ଉତ୍ପାଦନ ଏବଂ ପରମାଣୁ ଶକ୍ତି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ବିଷୟରେ କରଣ ଆଦାନୀ ଓ ତାଙ୍କ ଟିମ୍ଆଜି ଶକ୍ତି ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ପୂର୍ବରୁ କରଣ ଆଦାନୀ ଓ ତାଙ୍କ ଟିମ୍‌ଖାରବେଳ ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରିଥିଲେ। ଶକ୍ତି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ଶକ୍ତି ବିଭାଗର ବରିଷ୍ଠ ନେତୃବୃନ୍ଦ ଏବଂ ଆଦାନୀ ଗ୍ରୁପର କାର୍ଯ୍ୟନିର୍ବାହୀ ଟିମ୍ ସହ କରଣ ଆଦାନୀଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଏବଂ ଗ୍ରିଡ଼କୋର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥଙ୍କ ସମେତ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଆଦାନୀ ଗ୍ରୁପ ପୂର୍ବରୁ ଥରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରି ଓଡ଼ିଶାର ଶକ୍ତି କ୍ଷେତ୍ରରେ ନିବେଶ କରିବା ପାଇଁ ଆଗ୍ରହୀ ଥିବା ପ୍ରକାଶ କରିଥିଲେ। ଆଜିର ବୈଠକରେ ମଧ୍ୟ ଓଡ଼ିଶାର ସ୍ୱଚ୍ଛଶକ୍ତିରେ ନିବେଶ ଯଥା ୩୦୦୦୦ ମେଗାୱାଟ ବିଶିଷ୍ଟ ଦୁଇଟି ପାୱାର ପ୍ଲାଣ୍ଟ ସ୍ଥାପନ କଥାକୁ ଦୋହରାଇଛନ୍ତି।

## ନିଜ ଘରେ ତ୍ରିରଙ୍ଗା ଉଡାଇଲେ
## ଘରେ ତ୍ରିରଙ୍ଗା ଉଡାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

**ଭୁବନେଶ୍ୱର:** ତ୍ରିରଙ୍ଗା ଆମ ଜାତୀୟ ସ୍ୱାଭିମାନ, ଏକତା ଓ ମହାନ ସଭ୍ୟତାର ଶାଶ୍ୱତ ପ୍ରତୀକ। ଏହା ଆମ ମୁକ୍ତି ସଂଗ୍ରାମର ଅମର ଗାଥା, ବୀର ଶହୀଦଙ୍କ ଅତୁଳନୀୟ ଶୌର୍ଯ୍ୟ ଏବଂ ଆଗାମୀ ପିଢ଼ିର ଅସୁମାରୀ ଆକାଂକ୍ଷାର ଜୀବନ୍ତ ପ୍ରତିଫଳନ। ଆଜି ମୋ ବାସଭବନରେ ତ୍ରିରଙ୍ଗା ଉଡ଼ାଇ ମାତୃଭୂମିର ସେବାରେ ନିଜକୁ ସମର୍ପିତ କରିଥିବା ବୀରମାନଙ୍କ ସ୍ମୃତିଚାରଣ କରିବାର ଅନନ୍ୟ ସୌଭାଗ୍ୟ ଲାଭକଲି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେମାନଙ୍କ ତ୍ୟାଗ ଆମର ଐତିହ୍ୟ, ସେମାନଙ୍କ ଦେଶଭକ୍ତି ଆମର ପ୍ରେରଣା; ଏବଂ ସେମାନଙ୍କ ଅମର ବଳିଦାନ ଆମକୁ ପ୍ରତିମୁହୂର୍ତ୍ତରେ ସ୍ମରଣ କରାଇଦିଏ 'ବ୍ୟକ୍ତି ସ୍ୱାର୍ଥଠାରୁ ରାଷ୍ଟ୍ର ସଦା ସର୍ବୋପରି' ।ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ହର ଘର ତ୍ରିରଙ୍ଗା ଅଭିଯାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଏକ ନୂତନ ଜାଗରଣ ସୃଷ୍ଟି କରିଛି। 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ସଂକଳ୍ପ ନେଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କୋଟି କୋଟି ନାଗରିକଙ୍କୁ ଏକାଠି ବାନ୍ଧିବାରେ ଏହା ସାଜିଛି ଏକ ଶକ୍ତିଶାଳୀ ମାଧ୍ୟମ। ସମସ୍ତେ ଅପୂର୍ବ ଗର୍ବ ଓ ଉତ୍ସାହର ସହ ନିଜ ନିଜ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ପ୍ରତିଟି ଗାଁରୁ ସହର, ନୀଳ ଆକାଶ ତଳେ ଆମର ଏହି ପ୍ରତୀକ ଗୌରବର ସହ ଉଡୁ। ଯାହା ଆମକୁ ମାତୃଭୂମିର ସେବାରେ ସମର୍ପିତ ହେବାପାଇଁ ନିରନ୍ତର ସଙ୍କଳ୍ପବଦ୍ଧ କରିବବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୩ କୋଟିରୁ ଅଧିକ ସରକାରୀ ଅର୍ଥ ଚଳୁ

## ଏସ୍ଆରଏ ଓ ଅବସରପ୍ରାପ୍ତ ପିଇଓଙ୍କୁ ବାନ୍ଧିଲା ଭିଜିଲାନ୍ସ



**କଟକ :** ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କାର ସରକାରୀ ଅର୍ଥ ହଡ଼ପ ମାମଲାରେ ଜଗତସିଂହପୁର ଜିଲ୍ଲା ନୂଆଗାଁ ତହସିଲର ଏସ୍ଆରଏ ଭଞ୍ଜ କିଶୋର ବେହେରା ଓ ତିର୍ତ୍ତୋଲ ବ୍ଲକର ଅବସରପ୍ରାପ୍ତ ପିଇଓ ପ୍ରଦୀପ୍ତ କୁମାର ମଲ୍ଲିକଙ୍କୁ ଗିରଫ କରିଛି ପୁଲିସ। ଭିଜିଲାନ୍ସ ତା'ର ତଦନ୍ତରୁ ଜାଣିବାକୁ ପାଇଛି ଯେ, ୨୦୧୧-୧୨ ରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ଏହି ସରକାରୀ ଅର୍ଥ ହଡ଼ପ କରାଯାଇଛି। ଏହି ଦୁର୍ନୀତିର କେନ୍ଦ୍ରସ୍ଥଳ ହେଉଛି ତିର୍ତ୍ତୋଲ ବ୍ଲକ୍ ଅଫିସ। ଭଞ୍ଜ କିଶୋର ବେହେରା, ପ୍ରଦୀପ୍ତ କୁମାର ମଲ୍ଲିକ ଓ ପୂର୍ବତନ ଏଇଇ ରାଜଦୀପ ହାଁସଦା ମିଶି ଏତେ ପରିମାଣର ସରକାରୀ ଅର୍ଥ ହଡ଼ପ କରିଥିଲେ। ପୂର୍ବତନ ଏଇଇ ରାଜଦୀପ ହାଁସଦାଙ୍କର ପରଲୋକ ହୋଇସାରିଛି। ଗିରଫ ହୋଇଥିବା ନୂଆଗାଁ ତହସିଲର ଏସ୍ଆରଏ ଭଞ୍ଜ କିଶୋର ବେହେରା ୨୦୧୧-୧୨ରୁ ୨୦୨୧-୨୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ତିର୍ତ୍ତୋଲ ବ୍ଲକ୍ ଅଫିସ୍‌ରେ ଏସ୍ଆରଏ ଥିଲେ। ସେହିପରି ଅବସରପ୍ରାପ୍ତ ପିଇଓ ପ୍ରଦୀପ୍ତ କୁମାର ମଲ୍ଲିକ ତିର୍ତ୍ତୋଲ ବ୍ଲକରେ ଥିଲେ। ଏହି ତିନି ଅଭିଯୁକ୍ତ ମିଶି ରକାରୀ ଦରମା ରେଜିଷ୍ଟର ଏବଂ ବଣ୍ଟନ ସମ୍ବନ୍ଧୀୟ ନଥିପତ୍ରରେ ଜାଲିଆତି କରି ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କା ଆତ୍ମସାତ୍ କରିଥିବା ଜଣାପଡ଼ିଛି। ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ ସେମାନେ ମଞ୍ଜୁରପ୍ରାପ୍ତ ବଜେଟ୍ ଆବଣ୍ଟନଠାରୁ ବହୁ ଅଧିକ ଜାଲ୍ ଓ ବର୍ଦ୍ଧିତ ଦରମା ବିଲ୍ ପ୍ରସ୍ତୁତ କରି ଦାଖଲ କରିଥିଲେ ଏବଂ ଆତ୍ମସାତ୍ କରିଥିବା ଅର୍ଥ ସିଧାସଳଖ ସେମାନଙ୍କର ନିଜସ୍ୱ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ।

ସରୁନି ବର୍ଷାଜନିତ ବନ୍ୟାସ୍ଥିତି

## ପାଣି ନ ଛାଡିବାରୁ ବନ୍ୟା କ୍ଷୟକ୍ଷତି ଆକଳନରେ ବିଳମ୍ବ

- ଜଳ ନିଷ୍କାସନ ପାଇଁ ନଦୀରେ ହେବ ଡ୍ରେଜିଂ
- ଉତ୍ତର ଓଡ଼ିଶାରେ ବର୍ଷା ଆଶଙ୍କା



**ଭୁବନେଶ୍ୱର:** ରାଜ୍ୟରେ ଲଘୁଚାପ ଅବପାତର ରୂପ ନେଇ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିଛି । ବାରମ୍ବାର ବନ୍ୟା ସ୍ଥିତିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ବାଲେଶ୍ୱରରୁ ଆରମ୍ଭ କରି ମୟୂରଭଞ୍ଜ ପର୍ଯ୍ୟନ୍ତ ଜିଲ୍ଲାଗୁଡ଼ିକୁ ରେଡ୍ ଜୋନ୍ ରେ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ବର୍ଷାଜନିତ ବନ୍ୟା ଶେଷ ହେବାର ନା ନେଉ ନାହିଁ। ଗୋଟିଏ ବନ୍ୟାର ମୁକାବିଲା କଲା ବେଳକୁ ଆଉ ଏକ ବନ୍ୟା ଆସି ପହଞ୍ଚି ଯାଉଛି। ସମ୍ପୂର୍ଣ୍ଣ ପାଣି ନଛାଡ଼ିବାରୁ କ୍ଷୟକ୍ଷତି ଆକଳନ ପାଇଁ ବିଳମ୍ବ ହେଉଛି। ବିଶେଷ କରି ଉତ୍ତର ଓଡ଼ିଶାରେ ଏହି ସମସ୍ୟା ଦେଖାଦେଇଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ସହାୟତା ଓ ଆବଣ୍ଟନ କାମ ଆରମ୍ଭ ହୋଇସାରିଛି । ଏଲ୍ ନିନୋ କାରଣରୁ କମ୍ ବୃଷ୍ଟିପାତ ହେବ ବୋଲି ଆକଳନ ହୋଇଥିଲେ ମଧ୍ୟ ଏହା ଅପେକ୍ଷା ୬୫% ଅଧିକ ବୃଷ୍ଟିପାତ ହୋଇଛି। ଗତ ଦୁଇ-ତିନି ସପ୍ତାହ ଭେତରେ ଦୁଇରୁ ଅଧିକ ବନ୍ୟା ଆସିସାରିଛି, ଯାହାକୁ ସଫଳତାର ସହିତ ମୁକାବିଲା କରାଯାଉଛି। ଉତ୍ତର ଓଡ଼ିଶାର କିଛି ନଦୀରେ ଜଳସ୍ତର ବୃଦ୍ଧି ପାଇଛି କିନ୍ତୁ ଏପର୍ଯ୍ୟନ୍ତ ବିପଦ ସଙ୍କେତ ପାଖରେ ପହଞ୍ଚି ନାହିଁ । ତଥାପି ଆଗାମୀ ୨୪ ଘଣ୍ଟା ପ୍ରବଳରୁ ପ୍ରବଳ ବର୍ଷା ହେବାକୁ ଥିବାରୁ ଜଳସେଚନ ବିଭାଗ ସଚେତନ ରହିଛି ଏବଂ ଏସଆରସି ଜିଲ୍ଲାପାଳମାନଙ୍କ ସହିତ ଲଗାତାର ଯୋଗାଯୋଗରେ ଅଛନ୍ତି। ଭବିଷ୍ୟତରେ ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ପାଇଁ ସରକାର ବଡ଼ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି । ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀମାନେ ଗୋଆ ଓ କେରଳ ଯାଇ ସେଠାକାର ଜଳ ନିଷ୍କାସନ ପ୍ରଣାଳୀ ଅନୁଧ୍ୟାନ କରି ଆସିଛନ୍ତି ଏବଂ ଏନେଇ କିଛି ସଂସ୍ଥାକୁ ଦାୟିତ୍ୱ ମଧ୍ୟ ଦିଆଯାଇଛି । ଆଗାମୀ ଦିନରେ ଯାଜପୁର, ବାଲେଶ୍ୱର ଏବଂ ଭଦ୍ରକ ଭଳି ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ନଦୀଗୁଡ଼ିକରେ ଡ୍ରେଜିଂ କରାଯିବ। ଏହାଦ୍ୱାରା ପାଣି ସଫଳ ଭାବେ ନିଷ୍କାସନ ହୋଇପାରିବ ଏବଂ ଭବିଷ୍ୟତରେ ବନ୍ୟା ପରିସ୍ଥିତିରୁ ରକ୍ଷା ମିଳିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

### ଅବପାତରେ ପରିଣତ ହେଲା ଲଘୁଚାପ,ପ୍ରବଳ ବର୍ଷିବ

ପଶ୍ଚିମବଙ୍ଗ ଉପକୂଳରେ ଅବପାତରେ ପରିଣତ ହେଲା ଲଘୁଚାପ। ବାରିପଦା ଠାରୁ ୧୯୦ କିମି ଦୂରରେ ଏହା କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୨୪ ଘଣ୍ଟାରେ ପଶ୍ଚିମବଙ୍ଗ ଦେଇ ଝାଡ଼ଖଣ୍ଡ ମୁହାଁ ହେବା ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ସେପଟେ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଉତ୍ତର ଓଡ଼ିଶାରେ ମୂଷଳ ଧାରାରେ ବର୍ଷା ହେଉଛି। ଆଗାମୀ ୨୪ ଘଣ୍ଟାରେ ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବ। ଏହି ଦୁଇ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରିଛି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର। ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ଯୋଗୁଁ ଫ୍ଲାସ୍ ଫ୍ଲଡ୍, ଲୋ ଭିଜିବିଲିଟି ରହିବ। ଲୋକେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଓଗଉ ଭୁବନେଶ୍ୱର ନିର୍ଦ୍ଦେଶିକା ଡଃ ମନୋରମା ମହାନ୍ତି। ଏହାଛଡ଼ା ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ଯାଜପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି ବିଭାଗ। ୧୩ ଏବଂ ୧୪ ଅଗଷ୍ଟ ଦୁଇ ଦିନ ଓଡ଼ିଶା ଉପକୂଳରେ ପବନର ବେଗ ୪୫ ରୁ ୫୫ କିଲୋମିଟର ରହିବା ସହ ୬୫ କିଲୋମିଟର ପର୍ଯ୍ୟନ୍ତ ବଢ଼ିପାରେ। ସମୁଦ୍ର ଅଶାନ୍ତ ରହିବ। ତେଣୁ ଏହି ଦୁଇ ଦିନ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି।

ସମ୍ପାଦକୀୟ

# ଡେଥ୍ ଇଞ୍ଜେକ୍ସନ୍ !

ଚିକିତ୍ସା ପାଇଁ ଆମେ ସାଧାରଣତଃ ମେଡିକାଲ୍ ଉପରେ ନିର୍ଭର କରୁ । ଚିକିତ୍ସା ସେବା ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ ରହିଛି । ଯେମିତି ହୋମିଓପାଥି କିମ୍ବା ଏଲୋପାଥି ବ୍ୟବସ୍ଥା ମଧ୍ୟ ରହିଛି । ତା' ସହିତ ପ୍ରକୃତିର ବରଦାନ କୁହାଯାଉଥିବା ପ୍ରାକୃତିକ ଚିକିତ୍ସା ବ୍ୟବସ୍ଥା ମଧ୍ୟ ରହିଛି ଯାହାର ଆୟୁର୍ବେଦିକ ପଦ୍ଧତି ଏକ ଉତ୍କୃଷ୍ଟ ଉଦାହରଣ । ହେଲେ ଜଟିଳରୁ ଜଟିଳତର ରୋଗର ତ୍ୱରିତ ନିଦାନ ପାଇଁ ରୋଗୀ ସାଧାରଣତଃ ଏଲୋପାଥି ଚିକିତ୍ସା ଉପରେ ନିର୍ଭର କରିଥାଏ । ଯାହା ପଛରେ ମୁଖ୍ୟ କାରଣ ହେଉଛି ଏଲୋପାଥି ଚିକିତ୍ସାର ତ୍ୱରିତ ପ୍ରଭାବ । ଏଲୋପାଥିର ସଫଳ ଏବଂ ସଶକ୍ତ ପ୍ରଭାବ ବିଷୟରେ ସମସ୍ତେ ଅଳ୍ପ ବହୁତ ଅବଗତ । ସେଥିପାଇଁ ତ ସମାଜର ଅଧିକାଂଶ କେବଳ ଏଲୋପାଥି ଉପରେ ନିର୍ଭରଶୀଳ । ସଫଳ ଚିକିତ୍ସା ପାଇଁ ସମାଜରେ ଏକାଧିକ ବ୍ୟବସ୍ଥା ରହିଛି ହେଲେ ଆୟୁର୍ବେଦିକ୍ ବ୍ୟବସ୍ଥାର ଚିକିତ୍ସା ପଦ୍ଧତି ଅତି ଉନ୍ନତ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଯାହାକୁ ବୁଝିଛି ସମଗ୍ର ସମାଜ । ଏପରିକି ଡାକ୍ତର ସମାଜ ମଧ୍ୟ ଏହି ଆୟୁର୍ବେଦିକ୍ ଥିଓରୀରେ ବିଶ୍ୱାସ କରେ କିନ୍ତୁ ନା ପ୍ରକାଶ କରିପାରେ ନା ସ୍ୱୀକାର କରିପାରେ ମୁକ୍ତ କଣ୍ଠରେ । ଏଥିରୁ ସ୍ପଷ୍ଟ ଯେ ପ୍ରାକୃତିକ ପଦ୍ଧତିରେ ବିଶ୍ୱାସ ରଖୁଥିବା ଆୟୁର୍ବେଦରେ ରହିଛି ଏଭଳି ଆରୋଗ୍ୟ ଶକ୍ତି ଯାହାକି କୌଣସି ପାର୍ଶ୍ୱପ୍ରତିକ୍ରିୟା ବିନା ଅତି ସହଜରେ ରୋଗୀର.ପୀଡ଼ିତର ପୀଡ଼ାକୁ ଅତି ସହଜରେ ଉପଶମ କରିବାରେ ସହାୟକ ହୋଇପାରେ । ସମାଜରେ ହୋମିଓପାଥିର ମଧ୍ୟ ଆଦର ରହିଛି । ତେବେ ଏଠାରେ ଆଦର ଅନାଦରର ସେପରି କିଛି କଥା ନାହିଁ .. କଥା ରହିଛି ରୋଗୀର ପୀଡ଼ା। ଉପଶମ କରିବାରେ କେଉଁ ଚିକିତ୍ସା ପଦ୍ଧତିର କେତେ ପାରଙ୍ଗମତା ରହିଛି ଅବା କେତେ ପାାରଦର୍ଶିତା ରହିଛି । ହୋମିଓପାଥି ଏବଂ ଆୟୁର୍ବେଦିକ ଚିକିତ୍ସା ଯଦିଓ ଫଳପ୍ରଦ ତେବେ ଡିମାଣ୍ଡରେ କିନ୍ତୁ ଏଲୋପାଥି ଚିକିତ୍ସା । କାରଣ ବିଷୟରେ ଆମେ ତ ଅଳ୍ପ ବହୁତ ଅବଗତ । କେବଳ ତ୍ୱରିତ ଉପଶମତା ହିଁ ହୋଇପାରେ ଏକ ପ୍ରମୁଖ କାରଣ । ଏତେ ତ୍ୱରିତ ଯେ କେବେ କେବେ ସେହି ତ୍ୱରିତ ଚକ୍କରରେ ରୋଗୀର, ପୀଡ଼ିତର ମୃତ୍ୟୁ ବି ହୋଇଯାଏ । ସେ ନେଇ ଏକାଧିକ ତଥ୍ୟଗତ ପ୍ରମାଣ ମଧ୍ୟ ମହଜୁଦ୍ ରହିଛି ଆମ ପାଖରେ । ଅତୀତକୁ ତର୍ଜମା କଲେ ଏକାଧିକ ନୁହେଁ ବରଂ ଶତାଧିକ କେସ୍ ହୋଇପାରେ ହସ୍ତଗତ ଯେଉଁଥିରେ ତ୍ୱରିତ ଚିକିତ୍ସା ଚକ୍କରରେ ଅନେକ ସମୟରେ ଅନେକ ରୋଗୀଙ୍କର ମୃତ୍ୟୁ ହୋଇଯାଇଛି । ଅନେକ ସମୟରେ ଏପରି ବି ହୋଇଛି ଯେ ତ୍ୱରିତ ଚିକିତ୍ସା ଚକ୍କରରେ କେତେକ ପୀଡ଼ିତାଙ୍କର ପୀଡ଼ା ମଧ୍ୟ ଅତି ମାତ୍ରାରେ ବଢ଼ିଯାଇଛି । ଯାହାପରେ ସେଭଳି ପରିସ୍ଥିତି ହୋଇଛି ସଂପୃକ୍ତ ରୋଗୀ ଅବା ପୀଡ଼ିତା ପାଇଁ ମୃତ୍ୟୁର କାରଣ । ତଥାପି ସୁଧୁରୁନି ବ୍ୟବସ୍ଥା । ଆଜି ବି ଭାରତରେ ଏବଂ ଓଡ଼ିଶାରେ ଅନେକ ଜିଲ୍ଲାରେ ଅନେକ ସମୟରେ ରୋଗୀ ମୃତ୍ୟୁ ଘଟୁଛି ଯାହା ପଛରେ ଏମିତି ବି ଗୋଟାଏ କାରଣ ହୋଇପାରେ ଏବଂ ଯାହାକୁ ବିଶ୍ୱାସ କରିବାକୁ ପଡ଼ିବ କାରଣ ତାହା ପଛରେ ପ୍ରମାଣ ରହିଛି ଏବଂ ସେଭଳି ପ୍ରମାଣ ମଧ୍ୟ ଆମେ ତୁରନ୍ତ ଦେବାରେ କୌଣସି ଅସୁବିଧା ନାହିଁ । କାରଣ ସେମିତି କିଛି ପ୍ରମାଣ ସହ ଆମେ ପୂରା ପ୍ରସ୍ତୁତ । ନୟାଗଡ଼ ଜିଲ୍ଲାର ଜନୈକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଏବେ ଘଟିଯାଇଛି ଏକ ବିରାଟ ଅଘଟଣ । ସ୍ୱାସ୍ଥ୍ୟକେନ୍ଦ୍ରର କେହି ଜଣେ ଆୟୁଷ ଡାକ୍ତରଙ୍କ ଭୁଲ୍ ଇଞ୍ଜେକସନ୍ ପ୍ରଦାନ କାରଣରୁ ଜଣେ ସାଧାରଣ ଛାତ୍ରୀଙ୍କର ଅକାଳମୃତ୍ୟୁ ଘଟିଛି ତାହା ପୁଣି ତ୍ୱରିତ । ହାୟରେ ସରକାର... ହାୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ .. ହାୟରେ ସ୍ୱାସ୍ଥ୍ୟ ବିଭାଗ .. । ଏମିତି ଚାଲିଛି ଆମର ସରକାର.. ଏମ୍ତି ଗତି କରୁଛି ଆମର ବ୍ୟବସ୍ଥା । ଗୋଟାଏ ଇଞ୍ଜେକସନ ଯାହା ରୋଗ ଭଲ କରିପାରେ , ଯାହା କି ଜୀବନ ଦେଇପାରେ ଅଥଚ ଜନୈକ ଆୟୁଷ ଡାକ୍ତରଙ୍କ୍ ହାତରେ ଦିଆଯାଇଥିବା ସେହି ଇଞ୍ଜେକସନ ଆଜି ଜଣେ ଛାତ୍ରୀର ମୃତ୍ୟୁର କାରଣ ହୋଇଛି ।

## ରାସ୍ତା

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ । ବାବାଙ୍କ ଖାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା । ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା । ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ । ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି । ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ । ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ । ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ । ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା । କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା । ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ । ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ । ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ । ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ । ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ପ୍ରୀତ ହୋଇ ମହିଳାଙ୍କୁ ରାସ୍ତା ଦେଖାଇଲେ ।

# ଅଖଣ୍ଡ ଭାରତ ଓ ତାହାର ବିରାଟ ଇତିହାସ



ଡ.ଅମୂଲ୍ୟ କୁମାର ପଣ୍ଡା

ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ଭାରତକୁ ସାଧାରଣତଃ ଏକ ଉପମହାଦେଶ ବୋଲି କୁହାଯାଏ । ପୃଥିବୀର ବୃହତ୍ତମ ମହାଦେଶ ଏସିଆର ଦକ୍ଷିଣାଂଶର କେନ୍ଦ୍ରସ୍ଥଳୀରେ ଭାରତବର୍ଷ ଅବସ୍ଥିତ । ଭାରତର ଉତ୍ତରରେ ସୁଦୀର୍ଘ ହିମାଳୟ ପର୍ବତଶ୍ରେଣୀ ଦୁର୍ଭେଦ୍ୟ ପ୍ରଚୀର ସଦୃଶ ଦଣ୍ଡାୟମାନ । ତାହା ଭାରତବର୍ଷକୁ ଏସିଆ ମହାଦେଶର ଅନ୍ୟ ଅନ୍ୟ ଅଞ୍ଚଳମାନଙ୍କରୁ ପ୍ରାୟ ବିଚ୍ଛିନ୍ନ କରି ରଖିଛି । ଉତ୍ତର-ପଶ୍ଚିମରେ ସୁଲେମାନ ଓ ହିନ୍ଦୁକୁସ ପର୍ବତମାଳା ଅବସ୍ଥିତ । ଏହା ଭରତ ଉପଦେଶକୁ ଋଷିଆ, ଆଫଗାନିସ୍ଥାନ ଓ ଇରାନଠାରୁ ପୃଥକ୍ କରିଅଛି । ଇତିହାସ ସହିତ ଭୂଗୋଳ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଭୌଗଳିକ ଅବସ୍ଥିତି ଓ ପ୍ରାକୃତିକ ଗଠନ ଭାରତର ଇତିହାସର ଗତି ନିର୍ଦ୍ଧାରଣ କରିଅଛି । ହିମାଳୟ ପର୍ବତ ଏକ ପ୍ରାଚୀର ସଦୃଶ । ଏହାର ଦୁର୍ଗମ ଗିରିପଥ ଅତିକ୍ରମ କରିବା କଷ୍ଟସାଧ୍ୟ । ଗିରିପଥଗୁଡ଼ିକ ବର୍ଷର ଅଧିକାଂଶ ସମୟ ତୁଷାରାଚ୍ଛନ୍ନ ରହେ । ତେଣୁ ହିମାଳୟ ପର୍ବତ ଅତିକ୍ରମ କରି ଅତୀତରେ ବୈଦେଶିକ ଶତ୍ରୁମାନେ ଭାରତ ଆକ୍ରମଣ କରିବା ଦୁଃସାଧ୍ୟ ଥିଲା । ଭାରତର ସୈନ୍ଧବ-ଗାଙ୍ଗେୟ ସମତଳ ଭୂମି ସିନ୍ଧୁ,ଗଙ୍ଗା, ବ୍ରହ୍ମପୁତ୍ର ଏବଂ ସେମାନଙ୍କର ଉପନଦୀଗୁଡିକର ଅବବାହିକାଦ୍ୱାରା ଗଠିତ । ଏହି ଅଞ୍ଚଳର ଜଳବାୟୁ ସ୍ୱାସ୍ଥ୍ୟକର ଏବ, ମୃତ୍ତିକା ଉର୍ବର ଓ କୃଷୀ ଉପଯୋଗୀ । ତେଣୁ ଏଠାରେ ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା । ପରବର୍ତ୍ତୀ କାଳରେ ଏହି ଅଞ୍ଚଳରେ ନନ୍ଦ, ମୌର୍ଯ୍ୟ, କୁଶାଣ ଗୁପ୍ତ, ଆଫଗାନ୍ ଓ ମୋଗଲ୍ ସାମ୍ରାଜ୍ୟ ବିସ୍ତାର ଲାଭ କରିଥିଲା । ଉତ୍ତର-ପଶ୍ଚିମରେ ଖାଇବର ଓ ବୋଲାନ୍ ଗିରିପଥ ଅତିକ୍ରମକରି ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିଲେ । ବଙ୍ଗୋପ ସାଗର, ଆରବ ସାଗର ଏବଂ ଭାରତ ମହାସାଗରରେ ନୌଯାତ୍ରା କରି ଭାରତୀୟମାନେ ଚୀନ, ଜାପାନ ସମେତ ଦକ୍ଷିଣ-ପୂର୍ବ ଏସିଆ ଏବଂ ପଶ୍ଚିମ ଏସିଆ ଅନ୍ତର୍ଗତ ବିଭିନ୍ନ ଦେଶ ଏବଂ ଉଇରୋପର ବିଭିନ୍ନ ଅଞ୍ଚଳ ସହିତ ବାଣିଜ୍ୟ ବେବସାୟ କରିବାକୁ ସମର୍ଥ ହୋଇଥିଲେ । ବିଶେଷତଃ କଳିଙ୍ଗର ଅଧିବାସୀମାନେ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ପୂର୍ବ ଭାରତୀୟ ଦୀପପୁଞ୍ଜ ଓ ମାଳୟ ଉପଦ୍ୱୀପରେ ବାଣିଜ୍ୟକେନ୍ଦ୍ର ଓ ବସତିସ୍ଥାପନ କରିଥିଲେ । ସେମାନଙ୍କଦ୍ୱାରା ହିନ୍ଦୁ, ବୌଦ୍ଧ ଧର୍ମ ଆଦି ଧର୍ମ ସଂସ୍କୃତି ସେହି ଦେଶ ଗୁଡିକରେ ପ୍ରସାର ଲାଭ କରିଥିଲା । ସେହିପରି ଭାରତର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ୧୪୯୮ ଖ୍ରୀଷ୍ଟାବ୍ଦରୁ ୧୬୯୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ପର୍ତ୍ତୁଗୀଜ, ଓଲନ୍ଦାଜ, ଇଂରେଜ ଓ ଫରାସୀ ପ୍ରଭୃତି ଇଉରୋପୀୟମାନେ ବାଣିଜ୍ୟକୋଠି ତଥା ଉପନିବେଶମାନ ସ୍ଥାପନ କରିଥିଲେ ।

ଅମର ଏହି ଭାରତକୁ ଭାରତମାତାର ନାମ କରଣ ତଥା ମାନବୀକରଣ ମା' ଠାକୁରାଣୀ ଆଖ୍ୟା ଦିଆଯାଇଥିବା ଏକ ପବିତ୍ର ନାମକୁ ବୁଝାଯାଏ ଯାହା ହିନ୍ଦୁତ୍ୱର ଏକ ଦୃଢ ପରିଚୟ ନାମ । ସାଧାରଣତଃ ଭାରତ ନାମ ରୂପୀ ମାଆ ସ୍ୱରୁପକୁ ଏକ ମହିଳା ଭାବରେ ଗେରୁଆ ରଙ୍ଗର ଶାଢ଼ୀ ପିନ୍ଧେଇ ଭାରତର ଜାତୀୟ ପତାକା ଧରିଥିବା ଦେବୀ ସ୍ୱରୁପକୁ ପ୍ରଦର୍ଶନ କରାଯାଏ ଓ ସାଥିରେ ଏକ ସିଂହ ବାହାନ ମଧ୍ୟ ଥାଏ ଯାହା ଖୁବ୍ ସୁନ୍ଦର ଓ ଭକ୍ତିର ପ୍ରତୀକ ଅଟେ କ୍ଷ ଉନବିଂଶ ଶତାବ୍ଦୀର ଶେଷ ଭାଗରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା ସିପାହୀ ବିଦ୍ରୋହ ପରିପ୍ରକ୍ଷୀରେ ଭାରତ ଉପମହାଦେଶକୁ ମାନବୀକରଣ କରାଯାଇଥିଲା । ସନ ୧୮୮୨ ରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଆନନ୍ଦ ମଠ ପୁସ୍ତକରେ ଭାରତର ପ୍ରତୀକ ଭାବରେ ଭାରତମାତାଙ୍କର ବର୍ଣ୍ଣନା କରାଯାଇଥିଲା । ହିନ୍ଦୁ ମତ ବା କଳ୍ପନାରେ ଜନ୍ମଭୂମିକୁ ସର୍ବଦା ମାତା କୁହାଯାଏ । ରାମାୟଣ ଓ ମହାଭାରତରେ ମଧ୍ୟ ଜନ୍ମଭୂମିକୁ ମାତା ଭାବରେ ସମ୍ବୋଧନ କରାଯାଇଛି । ଲକ୍ଷଣଙ୍କୁ ରାମ କ ?ହିଛନ୍ତି, 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ' । ଏହି ଚିନ୍ତନ ?କୁ ବଙ୍କିମଚନ୍ଦ୍ର ଅଧିକ ସାକାର କରି ସରଳ କରିଦେଇଛନ୍ତି । ଏହି ଚିନ୍ତନରେ ସମଗ୍ର ଭାରତ ଭୂଖଣ୍ଡରେ ବାସ କରୁଥିବା ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ , ଜୈନ, ବୁଦ୍ଧ ଧର୍ମାବଲମ୍ବୀ, ପାର୍ଶୀ ଓ ଅନ୍ୟାନ୍ୟ ଲଘୁ ସମ୍ପ୍ରଦାୟଙ୍କୁ ଏକାଠି କରି ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବା ଉଦ୍ଦେଶ୍ୟରେ ଏହା ଲେଖା ଥିଲା ଯାହାକୁ ପରବର୍ତ୍ତୀ ବଦଳେଇ ଏକ ହିନ୍ଦୁ ଠାକୁରାଣୀର ମାନ୍ୟତା ଦିଆ ଯାଇଥିଲା । ଅନ୍ୟ ଜାତି ଓ ଧର୍ମର ଲୋକମାନେ ଏହାକୁ ଏକ ଧର୍ମର ଠାକୁରାଣୀ ଭାବେ ଚିନ୍ତନ କରି ପ୍ରତ୍ୟାଖ୍ୟାନ କରିଥିଲେ । ଭାରତ ମାତାଙ୍କୁ ହିନ୍ଦୁ ଦେବାଦେବୀ ଭାବରେ ଚିତ୍ରଣ କରିବା ଏକ ଦୀର୍ଘକାଳୀନ ଦ୍ୱନ୍ଦ୍ୱାତ୍ମକ ବିଷୟ । ଭାରତୀୟ ରାଜନୀତିରେ ଏହାର ପ୍ରବେଶକୁ ରବୀନ୍ଦ୍ରନାଥ ଠାକୁର ଓ ବି.ଆର. ଆମ୍ବେଦକର ଏହାକୁ କ୍ଷତିକାରକ କହି ବିରୋଧ କରିଥିଲେ ଓ ଅନେକ ସ୍ଥାନରେ ଏହାକୁ କାଢ଼ି ଦିଆଯାଇଥିଲା । କିନ୍ତୁ ସେତେବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ଏହା ଲୋକଙ୍କ ମନର ବ ?ହୁତ ଗଭୀରକୁ ଚାଲିଯାଇଥିଲା ଓ ଏହା ଦେଶ ଭକ୍ତିର ପ୍ରତୀକ ହୋଇସାରିଥିଲା । ବିଂଶ ଶତାବ୍ଦୀ ଶେଷ ଆଡ଼କୁ ଏହା ହିନ୍ଦୁ ରାଷ୍ଟ୍ର ଓ ଅଖଣ୍ଡ ଭାରତର ଧାରଣ ସାଥିରେ ଓତଃପ୍ରୋତ ଭାବରେ ଜଡ଼ିତ ହୋଇଗଲା; ସେତେବେଳ ଅଖଣ୍ଡ ଭାରତରେ ଏବେକାର ପାକିସ୍ଥାନ, ବାଙ୍ଗଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଆଫଗାନିସ୍ଥାନର କିଛି ଅଂଶ ସାମିଲ ଥିଲେ । ଭାରତର ସଂବିଧାନରେ ଭାରତ ଏକ ଧର୍ମ ବିରପେକ୍ଷ ଦେଶ ଭାବରେ ଗ୍ରହଣ କରାଯାଇଥିବାରୁ ଏହାକୁ କୌଣସି ମତେ ଗ୍ରହଣ କରାଯାଇପାରୁନି ଯଦିଓ ଏହା ଆରଏସଏସ ସଂସ୍ଥାର ବିଶେଷ ଅଙ୍ଗ ଭାବରେ ବିଶ୍ୱାସ କରାଯାଉଛି । ହିନ୍ଦୁ ଧର୍ମ ହଜାର ହଜାର ବର୍ଷରୁ ଆରମ୍ଭ ହୋଇଥିବା ବେଳେ ଭାରତ ମାତାର ଚିତ୍ରଣ, ଧରିତ୍ରୀ ମାତା ବା ବସୁମାତା ଭଳି ଲୋକଙ୍କ ମନରେ ବସା ବାନ୍ଧି ଯାଇଛି ଯାହା ଆଜି ବି ଅଛି ଓ ଆଗକୁ ପିଢି ପରେ ପିଢି ରହି ଚାଲିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ସମସ୍ତ କଥା ସହିତ ଗୋଟିଏ କଥା ସତ ଯେ ସବୁଠୁ ସୁନ୍ଦର୍ ଏଇ ଆମ ଏହି ପବିତ୍ର ଭାରତ ଭୂଇଁ । ମାତୃଭୂମି, ପୁଣ୍ୟ ଭୂମି, ଦେବ ଭୂମି, କର୍ମ ଭୂମି ସବୁଠୁ ପବିତ୍ର ଏହି ଭାରତ ଭୂଇଁ । ଏହାରି କୋଳରେ କେତେ ମହାତ୍ମା ଜନମ ନେଇଛନ୍ତି । ଏହି ଭୂମିକୁ କାହିଁ କେଜାଣି ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି । ତଥାପି ସେମିତି ମୁଣ୍ଡ ଟେକି ଠିଆ ହୋଇଛି ଏହି ମାଟି । କେତେ ଶତ୍ରୁ ଆସି ଏହାର ସୋନ୍ଦର୍ଯ୍ୟକୁ ନଷ୍ଟ କରିବାକୁ ଚାହିଁଛନ୍ତି ହେଲେ ଏହାର ବୀର ସନ୍ତାନ ମାନେ ସେମିତି ଲଢେଇ କରି ଆସିଛନ୍ତି । ଏହି ଭାରତ ଉପରେ ଆଲେକଜାଣ୍ଡାର, ଶକ, ହୁଣ, କୁଶାଣ ପରି ଅନେକ ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି । ମାତ୍ର ପରବର୍ତ୍ତୀ ସମୟରେ ସମସ୍ତେ ଭାରତୀୟ ସଂସ୍କୃତିରେ ମିଶି ଯାଇଛନ୍ତି । ସେମାନଙ୍କର ଚିହ୍ନ ବର୍ଣ୍ଣ ମଧ୍ୟ ଦେଖିବାକୁ ମିଳି ନାହିଁ କ୍ଷ ବଙ୍କିମଚନ୍ଦ୍ରଙ୍କ ଦୃଷ୍ଟିରେ ଏହାର ତିନୋଟି ସ୍ୱରୂପ ଥିଲା, ମା ସରସ୍ୱତୀ, ଲକ୍ଷ୍ମୀ ଓ ମା ଦୁର୍ଗାଙ୍କର । ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ସେ ୩୩ କୋଟି ଦେବୀ ଦେବତାଙ୍କ ମା ଥିଲେ କ୍ଷ ପରବର୍ତ୍ତୀ ସମୟରେ ମୋଗଲ ଆକ୍ରମଣର ଭାରତର ବୀରପୁତ୍ର ମାନେ ଉପଯୁକ୍ତ ଜବାବ ଦେଇଥିଲେ । ଏହା ପରେ ଇଂରେଜ ମାନଙ୍କର ଶାସନ ଆସିଲା । ମୁସଲମାନ ମାନଙ୍କ ନାମରେ ଭାରତ ମାତାର ବିଭାଜନ ପାଇଁ ଦାବି ହେଲା । ପ୍ରଥମେ ଏହି ଦାବିକୁ ସମସ୍ତେ ଅଗ୍ରାହ୍ୟ କଲେ । ହେଲେ ଶେଷରେ ଏହା ଭାଗ ଭାଗ ହୋଇଗଲା । ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଥିଲା ସେହି କଳାଦିନ ଯେଉଁ ଦିନ ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା । ମାତୃଭୂମିର ବିଭାଜନର ହୋଇଥିଲା । ୧୯୪୭ ଜୁନ ମାସ ଦୁଇ ତାରିଖ ଥିଲା ସେହି କଳା ଦିନ ଯେଉଁ ଦିନ ଦିଲ୍ଲୀରେ ଏକ ବୈଠକରେ ବସି ନିର୍ଦ୍ଧାରଣ ହେଉଥିଲା ଭାରତର ଭବିଷ୍ୟତ ଓ ଦୁଇଖଣ୍ଡ ହୋଇଥିଲା ଅଖଣ୍ଡ ଭାରତ । ଏହି ବୈଠକରୁ ହୋଇଯାଇଥିଲା ସ୍ୱତନ୍ତ୍ର ପାକିସ୍ତାନ ଦେଶ କ୍ଷ ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା । ସିନ୍ଧୁ ନଦୀ ତାର ସନ୍ତାନଙ୍କ ପାଇଁ ପର ହୋଇଗଲା । ଯେଉଁଠାରେ ମୁନି ଋଷି ମାନେ ବସି ବେଦ ରଚନା କରିଥିଲେ, ସେହି ସ୍ଥାନ ଭାରତ ଠାରୁ ଅଲଗା ହୋଇଗଲା କ୍ଷ ଆଜି ଖାଲି ଅଖଣ୍ଡ ଭାରତ ବୋଲି ଶୁଣୁଛୁ କିନ୍ତୁ ପ୍ରକୃତରେ ଆମ ଏ ପବିତ୍ର ଭାରତ ବର୍ଷ ଖଣ୍ଡ ଖଣ୍ଡ ଓ ଆମ ଭାରତ ମାତା ଆଖିରେ ବହୁଛି ଲୋତକର ସୁଅ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

# ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ



ମୌଲାନା ଫଜଲ ହକ୍ ଖାନ୍




ଆଜି ଠାରୁ ଠିକ ୭୯ ବର୍ଷ ପୂର୍ବେ ବ୍ରିଟିଶ ଶାସନ କବଳରୁ ଆମ ପ୍ରିୟ ଭାରତ ବର୍ଷକୁ ଯେଉଁମାନେ ମୁକ୍ତ କରିଥିଲେ, ୮୦ତମ ସ୍ୱାଧୀନତା ଦିବସ ଅବସରରେ ସେହି ବୀର ସୂରୀମାନଙ୍କର ସ୍ମୃତିଚାରଣ କରାଯାଉଛି । ଏକ ଦୀର୍ଘ ସମୟ ଗୁଲାମୀର ଜଞ୍ଜିରରେ ବାନ୍ଧି ହୋଇ ରହିବା ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ଦେଶ ସ୍ୱାଧୀନ ହେଲା । ଦେଶର ତତ୍ ?କାଳୀନ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ '“ ହିନ୍ଦୁସ୍ତାନ ବହୁ ଧର୍ମ ଓ ଭାଷାଭାଷୀର ଦେଶ, ଯହିଁରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟୀୟାନ, ଶିଖ, ବୌଦ୍ଧ ଓ ପାରସୀୟମାନେ ବାସ କରନ୍ତି । ସେମାନଙ୍କର ଦେଶ ପ୍ରତି ସମାନ ଅଧିକାର ରହିଛି । ଯେଉଁ ବ୍ୟକ୍ତି ଦେଶର ଏକତା ଓ ଅଖଣ୍ଡତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛି, ସେ ଦେଶ ସହିତ ବିଶ୍ୱାସଘାତକତା କରୁଛି । ''ଆମ ଦେଶର ଏହା ପରମ ସୌଭାଗ୍ୟ ଯେ ଏହି ଦେଶରେ ଅନେକ ଅବତାର, ମହାପୁରୁଷ ଏବଂ ଧର୍ମପ୍ରବର୍ତ୍ତକ ଜନ୍ମ ନେଇ ଏ ମାଟିକୁ ପବିତ୍ର କରିଛନ୍ତି । ମାନବ ଜନ୍ମର ସାର ସେମାନେ ବୁଝାଇଛନ୍ତି । ମଣିଷ ଜାତି ସମସ୍ତେ ଭାଇ ଭାଇ ବୋଲି କହି ବସୁଧୈବ କୁଟୁମ୍ବକମ୍ ?ର ପରିବେଶ ଗଢିଛନ୍ତି । ସେହି ମହାତ୍ମାମାନେ ଆମକୁ ସର୍ବେଭବନ୍ତୁ ସୁଖିନଃର ବାର୍ତ୍ତା ଦେଇଛନ୍ତି । ସେମାନଙ୍କର ଶିକ୍ଷା ବିଶ୍ୱବ୍ୟାପୀ ଥିଲା । ବିଶ୍ୱ ଭାଇଚାରା ସୃଷ୍ଟି କରିବା ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ସେମାନଙ୍କର ଲକ୍ଷ ଥିଲା । ରାମଙ୍କ ରାଜ୍ୟ, ଯୁଧୀଷ୍ଠିରଙ୍କ ନ୍ୟାୟ, ଦାନବୀର ହରିଶ୍ଚନ୍ଦ୍ରଙ୍କ ଦାନର ପରିବେଶ ଏବେ କାଳକ୍ରମେ ବିଲୁପ୍ତ ହୋଇ ଚାଲିଛି । ସ୍ତ୍ରୀ ଓ ପୁରୁଷ ପରି ମାତ୍ର ଦୁଇଗୋଟି ଜାତିକୁ ଏବେ ଏ କଳୀଯୁଗର ମଣିଷ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ କରିସାରିଛି । କୁଟରାଜନୀତି ଏବେ ମଣିଷକୁ ନିଜ ହାତହତିଆର ରୂପେ ବ୍ୟବହାର କରୁଛି । ମଣିଷ ମଣିଷକୁ ଏବେ ଏପରି କାଟୁଛି ଯେପରି ପନିପରିବା କଟାଯାଉଛି । ତେବେ ଆମେ ପରାଧୀନ ରହି, ଗୋଲାମ ହୋଇ, କଷଣ ସହି,ସ୍ୱାଧୀନ ହେଲା ପରେ ଶିଖିଲେ କ'ଣ ଏବଂ ପାଇଲେ କ'ଣ ? ଏବେ ବି ଆମେ ଜଣେ ଅନ୍ୟ ଜଣକୁ ନାଲି ଆଖି ଦେଖାଉଛି । ଅନ୍ୟ ଠାରୁ କିଛି ପାଇବାର ଲାଳସା ରଖି ବସୁଛି । ଅନ୍ୟାୟ, ଅତ୍ୟାଚାର, ପାପାଚାର, ଦୂରାଚାର ଆମ ଅଭ୍ୟାସରେ ପରିଣତ ହୋଇସାରିଛି । ନାରୀ ନିର୍ଯାତନା, ଦୁଷ୍କର୍ମତା, ବ୍ୟଭିଚାରୀତା, ଦୁର୍ନିତି ଏବଂ ଭ୍ରଷ୍ଟାଚାର ସାଧାରଣ ହୋଇଗଲାଣି । ଅଧିକାଂଶ ଲୋକଙ୍କୁ ବସ୍ତୁର ଲାଳସା ଏବଂ ଧନର ନିଶା ଏତେ ମାତ୍ରାରେ ଘାରିଥାଏ ଯେ ସେମାନେ ନିଜ ଦେଶ ପ୍ରତି ବିଶ୍ୱସ୍ତ ହୁଅନ୍ତି ନାହିଁ, ବରଂ ସେମାନେ ଦେଶର ଆଇନକୁ ଉଲଂଘନ କରିଥାନ୍ତି । ବିଭିନ୍ନ ଅନୈତିକେ କାର୍ଯ୍ୟ କରି ଅନ୍ୟର କ୍ଷତି ଘଟାଇବା, ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜ ଦେଶକୁ ପ୍ରତାରିତ କରିବା, ଅସାଧୁ ଉପାୟରେ ଧନାଦି ଉପାର୍ଜନ କରିବା ଓ ଜାଲିଆତି କରି ଅନ୍ୟର ଅର୍ଥ ଆତ୍ମସାତ କରିବା । ସମସ୍ତ ସୀମା ଉଲଂଘନ କରି ଦେଶ ତଥା ସମାଜର ପ୍ରଭୂତ କ୍ଷତି ସାଧନ କରିବା ଇତ୍ୟାଦି ଦୈନ୍ୟନ୍ଦିନର କାର୍ଯ୍ୟକଳାପ ହୋଇଯାଇଛି । ଦେଶ ବା ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବା, ବିଶ୍ୱାସଘାତକତା ଏବଂ ପ୍ରତାରଣାମୂଳକ କାର୍ଯ୍ୟ କରିବା ବାରଣ ଥାଇ ମଧ୍ୟ ଏପରି କାର୍ଯ୍ୟ ଯୋଗୁଁ ଦେଶ ଓ ଜାତିର ନିରାପତ୍ତା ତଥା ଶାନ୍ତି ବ୍ୟାହତ ହୋଇଥାଏ । ପୁଣି ଏଗୁଡିକ ଏକ ଦେଶ ବିରୋଧୀ ଆନ୍ତର୍ଘାତୀ କାର୍ଯ୍ୟକଳାପ ।

ପୂର୍ବାଲୋଚିତ ସମସ୍ତ ଦିଗକୁ ବିଚାର କଲେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଜଣେ ବ୍ୟକ୍ତି ନିଜ ଦେଶ ପ୍ରତି ବିଶ୍ୱାସଭାଜନ ହେବା ସକାଶେ ତା ପାଇଁ ଧୈର୍ଯ୍ୟ ଓ ସହନଶୀଳତା ଏକାନ୍ତ ଆବଶ୍ୟକ । ଏହା ତା'ର ନୈତିକ ଗାରିମାକୁ ଉଦ୍‌ଭାସିତ କରାଏ ଏବଂ ମାତୃଭୂମିର ସମସ୍ତ ଆଇନ କାନୁନକୁ ପାଳନ କରିବା ପାଇଁ ସେ ଅନୁପ୍ରାଣୀତ ହୁଏ ।ଦେଶର ଅନେକ ଭାଗରେ ସରକାରଙ୍କ ନୀତି ବିରୁଦ୍ଧରେ ପ୍ରତିବାଦକରି ଜନତା ଧର୍ମଘଟରେ ସାମିଲ ହୁଅନ୍ତି । ଅନେକ ଜାଗାରେ ବିକ୍ଷୋଭ ପ୍ରଦର୍ଶନକାରୀମାନେ ଭଙ୍ଗାରୁଜା ଓ ପୋଡାଜଳା କରି ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି । ସେଥିରେ ଅନେକ ସରକାରୀ ଓ ବେସରକାରୀ ସମ୍ପତି ମଧ୍ୟ ଧ୍ୱଂସ ହୁଏ । ଦେଶପ୍ରେମ ନାମରେ ଏହି କାଣ୍ଡ ଭିଆଉ ଥିବାର ସେମାନେ ଦାବି କରନ୍ତି ସିନା ମାତ୍ର ପ୍ରକୃତ ପକ୍ଷେ ସେମାନଙ୍କ ଆଚରଣରେ ଦେଶ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ ଲେଶ ମାତ୍ର ଚିହ୍ନ ନଥାଏ । ଏହା ମନେ ରଖିବାକୁ ହେବ ଯେ କୌଣସି ହିଂସାକାଣ୍ଡଜନିତ କ୍ଷୟକ୍ଷତି ବା ଅପରାଧ ନ କରି ବିଭିନ୍ନ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜିତ ହେଉଥିଲେ ସୁଦ୍ଧା ଏହାର ପରିଣାମ ନକାରାତ୍ମକ ହୋଇଥାଏ । ଶାନ୍ତିପୂର୍ଣ୍ଣ ଧର୍ମଘଟ ସତ୍ତ୍ୱେ ଅନେକ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୁଏ, ଯଦ୍ଦ୍ୱାରା ସେହି ଦେଶ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ବାଧ ହୁଏ । ଏହାକୁ କୌଣସି ପରିସ୍ଥିତିରେ ବି ଦେଶ ପ୍ରତି ଭକ୍ତି ଓ ବିଶ୍ୱସନୀୟତା କୁହାଯାଇ ପାରିବ ନାହିଁ ।

ଏହାକୁ ସୁବ୍ୟବସ୍ଥିତ କରିବା ଆମ ରାଷ୍ଟ୍ରର ପ୍ରତ୍ୟେକ ନାଗରିକଙ୍କ ପରମ କର୍ତ୍ତବ୍ୟ । ଆମ ଦେଶର ଶାସକଙ୍କ ପ୍ରତି ଆଜ୍ଞାନୁବର୍ତ୍ତୀ ହେବା ପ୍ରତ୍ୟେକ ନାଗରିକଙ୍କ ପ୍ରତି ଅପରିହାର୍ଯ୍ୟ । ଦେଶରେ କୌଣସି ପ୍ରକାରର ଧର୍ମଘଟ ବା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯଦି ଆଇନ ସଂଗତ ଅନୁମତି ପ୍ରଦାନ କରେ, ତେବେ ସେହି ଦେଶର କୌଣସି କ୍ଷତି ନ ଘଟାଇ ଅଥବା ଜାତୀୟ ସମ୍ପତି ଧ୍ୱଂସ ନ କରି ଯାହା କି ଆର୍ଥିକ ଅବନତିର କାରଣ ହେବ, ଧର୍ମଘଟକାରୀ ଓ ବିକ୍ଷୋପ ପ୍ରଦର୍ଶନକାରୀମାନେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ।ପରିଶେଷରେ ଏତିକି କୁହାଯାଇପାରେ ଯେ ଆଜି ପୃଥିବୀ ଗୋଟିଏ ଗୋଲାକାର ଗ୍ରାମରେ ପରିଣତ ହୋଇଛି । ପୃଥିବୀବାସୀ ଅତି ଘନିଷ୍ଠ ଭାବରେ ପରସ୍ପର ମଧ୍ୟରେ ସଂଯୁକ୍ତ ହୋଇଛନ୍ତି । ସବୁ ଜାତି, ଧର୍ମ ଓ ସଂସ୍କୃତିର ଲୋକମାନେ ଆମ ଦେଶରେ ଦେଖାଯାଆନ୍ତି । ତେଣୁ ଦେଶର ପ୍ରତ୍ୟେକ ନେତା ଏବଂ ନାଗରିକ ସାଧାରଣ ଅଧିବାସୀଙ୍କର ମାନସିକ ଆବେଗ ଓ ହୃଦୟର ଭାବନାକୁ ବିଚାରକୁ ନେଇ ସେଥିପ୍ରତି ସମ୍ମାନ ଜଣାଇବା ଆବଶ୍ୟକ । ସେଠାକାର ନେତା ଓ ପ୍ରଶାସନ ଏପରି ଆଇନ ପ୍ରଣୟନ କରିବାକୁ ଚେଷ୍ଟିତ ହେବା ଉଚିତ, ଯାହା ସତ୍ୟ ଓ ନ୍ୟାୟର ଅଶାନ୍ତର କାରଣ ହେବ ନାହିଁ । ଏକପକ୍ଷେ ଅନ୍ୟାୟ ଓ କ୍ରୂରତା ଲୋପ ପାଇବ ଓ ଅନ୍ୟ ପକ୍ଷେ ଆମେ ପ୍ରକୃତ ନ୍ୟାୟ ପାଇବା ପାଇଁ ସଦା ତତ୍ପର ହେବା । ତେବେ ଯାଇ ଆମେ ପ୍ରକୃତ ସ୍ୱାଧୀନ ବୋଲି କୁହାଇବା ଏବଂ ପ୍ରକୃତ ଶାନ୍ତି ଓ ସହିଷ୍ଣୁତା ପାଇପାରିବା । ଦେଶ ପ୍ରତି ସମ୍ମାନ ପ୍ରକଟ କରିପାରିବା । ଆମେ ପ୍ରକୃତ ନାଗରିକ ବୋଲାଇ ପାରିବା ।

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ହେ ମୋର ପ୍ରିୟ ଦେଶବାସୀ ! ଆପଣମାନେ ନିଜ ଭିତରେ ଭ୍ରାତୃଭାବ ସୃଷ୍ଟି କରନ୍ତୁ । ପ୍ରତ୍ୟେକ ସ୍ତରରେ ସାମ୍ବିଧାନିକ ଚୁକ୍ତି ଅନୁସାରେ କର୍ତ୍ତବ୍ୟ ପାଳନ ପାଇଁ ଅଙ୍ଗୀକାରବଦ୍ଧ ହୁଅନ୍ତୁ । ଦିବ୍ୟ ବାର୍ତ୍ତାବହ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ୍ କୁହନ୍ତି ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ ଅଙ୍ଗ । ତେଣୁ ନିଷ୍ଠାପୂର୍ଣ୍ଣ ଦେଶଭକ୍ତି ଅତିଆବଶ୍ୟକ । ବିଶ୍ୱପଟରେ ଏବଂ ଭାରତ ବର୍ଷର ଯେକୌଣସି ଅଂଚଳରେ ହେଉବା ନା କାହିଁକି ଅହମଦୀୟା ମୁସଲିମ ସମ୍ପ୍ରଦାୟର ସଭ୍ୟମାନେ ସର୍ବଦା ପ୍ରତ୍ୟେକ ପ୍ରକାରର ତ୍ୟାଗ ସ୍ୱୀକାର କରିବାକୁ ତତ୍ପର ହୋଇ ରହିଥାନ୍ତି । କାରଣ ସ୍ୱଦେଶ ପ୍ରେମ ଏବଂ ଦେଶ ପ୍ରତି ଅନୁରକ୍ତ ହେବା ପ୍ରତ୍ୟେକ ମନୁଷ୍ୟର ଜନ୍ମସିଦ୍ଧ ଅଧିକାର ବୋଲି ସେମାନେ ବିଶ୍ୱାସ କରନ୍ତି । ଆସନ୍ତୁ ଆମେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ ବୁଝି ନିଜ ଦେଶ ପ୍ରତି ତ୍ୟାଗ ଓ ବଳିଦାନର କର୍ତ୍ତବ୍ୟ ବହନ କରିବା । ଏବଂ ମେରା ଭାରତ ମହାନର ପ୍ରକୃତ ଦାୟଦ ବୋଲାଇବା । ଜୟ ହିନ୍ଦ୍ ।

ମଙ୍ଗଳାବାଗ-କଟକ
୯୬୯୨୨୨୫୦୫୭

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୪ ଅଗଷ୍ଟ ୨୦୨୬

### ଚାଷୀଙ୍କ ଅଭିଯୋଗର ଭିଜୁଆଲ୍ କରୁଥିବା ବେଳେ ଘଟଣା

# ମୋବାଇଲ ଛଡ଼ାଇ ଭିଡିଓ ଡିଲିଟ୍ କରାଇଥିବା ଅଭିଯୋଗ



**ପାଟଣାଗଡ଼,(ପ୍ରତିଶବ୍ଦ) :** ବନାଇମୁଣ୍ଡା ସମବାୟ ସମିତିରେ ଚାଷୀଙ୍କ ଅଭିଯୋଗକୁ ନେଇ ରିପୋର୍ଟିଂ କରୁଥିବା ଜଣେ ୱେବ୍ ଚ୍ୟାନେଲ୍ ରିପୋର୍ଟରଙ୍କୁ ଜାତିଗତ ଅପମାନ, ଗାଳିଗୁଲଜ, ମାରପିଟର ଧମକ ଏବଂ ଜୋରଜବରଦସ୍ତି ମୋବାଇଲ ଛଡ଼ାଇ ନେଇ ଭିଡିଓ ଡିଲିଟ୍ କରାଇବା ଭଳି ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାକୁ ନେଇ ପାଟଣାଗଡ଼ ଥାନାରେ ଅଭିଯୋଗ ଓ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୧୧ ତାରିଖରେ ବନାଇମୁଣ୍ଡା ଅଞ୍ଚଳର କିଛି ଚାଷୀ ସେମାନଙ୍କ ସମସ୍ୟା ସମ୍ପର୍କରେ ୱେବ୍ ଚ୍ୟାନେଲ୍ ମାଧ୍ୟମରେ ଖବର ପ୍ରସାରଣ ପାଇଁ ରିପୋର୍ଟର ଚୈତନ୍ୟ କୁମ୍ଭାରଙ୍କୁ ବନାଇମୁଣ୍ଡା ସମବାୟ ସମିତିକୁ ଡାକିଥିଲେ। ଚାଷୀମାନଙ୍କ ଅଭିଯୋଗ ଓ ବୟାନର ଭିଜୁଆଲ୍ ରେକର୍ଡ କରୁଥିବା ସମୟରେ ଘଟଣାଟି ଘଟିଥିବା ରିପୋର୍ଟର ଅଭିଯୋଗ କରିଛନ୍ତି। ରିପୋର୍ଟର ଚୈତନ୍ୟ କୁମ୍ଭାରଙ୍କ ଅଭିଯୋଗ ଅନୁଯାୟୀ, ବନାଇମୁଣ୍ଡା ସମବାୟ ସମିତିର ସଭାପତି ଦୀପ୍ତି ଦଣ୍ଡସେନା ତାଙ୍କୁ ଗାଳିଗୁଲଜ କରିବା ସହ ଜାତିକୁ ନେଇ ଅପମାନଜନକ ଭାଷା ବ୍ୟବହାର କରିଥିଲେ। ଏହା ସହିତ ତାଙ୍କୁ ମାରପିଟ କରିବା ପାଇଁ ଧମକ ଦିଆଯାଇଥିବା ଏବଂ ମାରିବା ପାଇଁ ହାତ ଉଠାଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଘଟଣା ସମୟରେ ତାଙ୍କ ହାତରୁ ଜୋରଜବରଦସ୍ତି ମୋବାଇଲ ଫୋନ୍ ଛଡ଼ାଇ ନିଆଯାଇଥିବା ଏବଂ ସମବାୟ ସମିତିର କିଛି କର୍ମଚାରୀ ତାଙ୍କୁ କାର୍ଯ୍ୟାଳୟ ଭିତରକୁ ନେଇଯାଇଥିବା ଚୈତନ୍ୟ ଅଭିଯୋଗ କରିଛନ୍ତି। ସେଠାରେ ମଧ୍ୟ ତାଙ୍କ ଜାତିକୁ ନେଇ ଅପମାନଜନକ ଭାଷା ବ୍ୟବହାର ସହ ମାରିଦେବା ପାଇଁ ଧମକ ଦିଆଯାଇଥିବା ସେ କହିଛନ୍ତି। ଅଭିଯୋଗ ଅନୁଯାୟୀ, ରିପୋର୍ଟିଂ ସମୟରେ ତାଙ୍କ ମୋବାଇଲ ଫୋନ୍‌ରେ ରେକର୍ଡ ହୋଇଥିବା ଭିଡିଓଗୁଡ଼ିକୁ ମଧ୍ୟ ଜୋରଜବରଦସ୍ତି ଡିଲିଟ୍ କରାଯାଇଥିଲା। ଭିଡିଓ ଡିଲିଟ୍ କରାଯିବା ପରେ ମୋବାଇଲ ଫୋନ୍‌ଟି ତାଙ୍କୁ ଫେରାଇ ଦିଆଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଚୈତନ୍ୟ କୁମ୍ଭାର ନିଜକୁ ଅନୁସୂଚିତ ଜାତି ବର୍ଗର ବୋଲି ଦର୍ଶାଇଛନ୍ତି। ରିପୋର୍ଟିଂ କରୁଥିବା ସମୟରେ ତାଙ୍କ ଜାତିକୁ ନେଇ ଅପମାନଜନକ ଭାଷା ବ୍ୟବହାର କରାଯାଇଥିବା ଘଟଣା ତାଙ୍କୁ ମାନସିକ ଭାବେ ଯନ୍ତ୍ରଣାଦାୟକ ଓ ଅପମାନିତ କରିଥିବା ସେ କହିଛନ୍ତି। ଘଟଣା ସମ୍ପର୍କରେ ଚୈତନ୍ୟ ପାଟଣାଗଡ଼ ଥାନାରେ ଅଭିଯୋଗ କରି ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଆଇନ ଅନୁଯାୟୀ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ତେବେ ଏହି ଅଭିଯୋଗ ସମ୍ପର୍କରେ ବନାଇମୁଣ୍ଡା ସମବାୟ ସମିତିର ସଭାପତି କିମ୍ବା ସମ୍ପୃକ୍ତ କର୍ମଚାରୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ। ଅଭିଯୋଗର ସତ୍ୟତା ଏବଂ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ।

# ଏନଏସି ତରଫରୁ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା



**ଆଠମଲ୍ଲିକ,(ପ୍ରତିଶବ୍ଦ) :** ସ୍ଥାନୀୟ ଏନ ଏ ସି ପ୍ରଶାସନ ତରଫରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଥିଲା । ତ୍ରିରଙ୍ଗା ଯାତ୍ରାକୁ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଓ ସାଂସଦଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା ପତାକା ଦେଖାଇ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରିଥିଲେ । ପ୍ରକାଶ ଥାଉକି ଚଳିତ ବର୍ଷ ୮୦ ତମ ସ୍ୱାଧୀନତା ଦିବସ ଅବସରରେ ଦେଶର ଗର୍ବ ଓ ଗୌରବ ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗକୁ ସ୍ମୃତିଚାରଣ କରି ଦେଶବାସୀଙ୍କ ଦେଶପ୍ରେମ ଓ ଦେଶ ପ୍ରତି ତ୍ୟକ୍ଷଗକୁ ଆହୁରି ବଳିଷ୍ଠ କରିବା ପାଇଁ ଦେଶ ତମାମ ଏହି ତ୍ରିରଙ୍ଗା ଯାତ୍ର ଚାଲୁ ଅଛି । ଏହି ତ୍ରିରଙ୍ଗା ଯାତ୍ରା ରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ପ୍ରସନ୍ନ ଟେଟେ, ଏନ ଏ ସି ଅଧକ୍ଷା ଆଶା କୁମାରୀ ସାହୁ, ଏନ ସି ସି କ୍ୟାଡେଟ, ଆଇ ଟି ଆଇ ଛାତ୍ର, ସଫେଇ କର୍ମଚାରୀ ଓ ଜନସାଧାରଣ ସାମିଲ ହୋଇଥିଲେ । ତ୍ରିରଙ୍ଗା ଯାତ୍ରା ଗାନ୍ଧୀ ଛକ ନିକଟ ରୁ ବାହାରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ, ପଶୁ ଡାକ୍ତର ଖାନା, ଆଠମଲ୍ଲିକ ଧଳ ପୁର ରାସ୍ତା ଦେଇ ସେତୁ ପର୍ଯ୍ୟନ୍ତ ଯାଇଥିଲା । ଏହି ତ୍ରିରଙ୍ଗା ଯାତ୍ରା ରେ ସମସ୍ତେ ଜାତୀୟ ପତାକା ଧରିବା ସହିତ ଏକ ଶହ ଫୁଟ ଲମ୍ବର ଜାତୀୟ ପତାକାକୁ ଧରି ଯାତ୍ରାରେ ସାମିଲ ହେବା ଦୃଶ୍ୟ ବହୁ ଆକର୍ଷଣୀୟ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ପିନା ପାଣିଗ୍ରାହୀ, ନୂତନ ବେହେରା, ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଦୁର୍ଗା ପ୍ରସାଦ ଜ୍ୟୋତିଷ ରାୟ, ଭୁଜଙ୍ଗ ଭୂଷଣ ଶତପଥି, ଅନୁପମା ତ୍ରିପାଠୀ, ଶୈଳ ବାଳା ଅମାନ୍ତ, ତ୍ରିଜୀବ ତ୍ରିପାଠୀ, ବିଜୟ ପାତ୍ର, ରାଜେଶ ମିଶ୍ର, ସତ୍ୟ ବ୍ରତ ନାଏକ, ସତ୍ୟ ନାରାୟଣ ସାହୁ, ଅବନୀ କୁମାର ପ୍ରଧାନ, ବୁଲ ବୁଲ ସିଂ, ବିଜୟ ପାତ୍ରଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ ।

### ବ୍ରହ୍ମପୁରରେ ତ୍ରିରଙ୍ଗା ଶୋଭାଯାତ୍ରା

# ଦେଶପ୍ରେମର ରଙ୍ଗରେ ରଙ୍ଗାୟିତ ହେଲା ରେଶମ ସହର



**ବ୍ରହ୍ମପୁର,(ପ୍ରତିଶବ୍ଦ) :** 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଅଧୀନରେ ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ସମ୍ମାନର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆଜି ସହରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ତ୍ରିରଙ୍ଗାର ଗୌରବ ଓ ଦେଶପ୍ରେମର ଉତ୍ସାହରେ ରେଶମ ସହର ଉତ୍ସବମୁଖର ହୋଇଉଠିଥିଲା। ମହାତ୍ମା ଗାନ୍ଧୀ ଷ୍ଟାଡିୟମରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ଗାନ୍ଧୀନଗର, ପି.ଭି.ଏନ୍. ପେଟ୍ରୋଲ ପମ୍ପ ଛକ, ଖଲ୍ଲିକୋଟ କଲେଜ, ସୁବାରାଓ ଛକ, ଟାଟାବେଞ୍ଚ, କମାପଲ୍ଲୀ ଓ କୋର୍ଟପେଟା ଦେଇ ମେଡିକାଲ୍ ଛକଠାରେ ସମାପ୍ତ ହୋଇଥିଲା। ତ୍ରିରଙ୍ଗାରେ ସଜ୍ଜିତ ଇ-ବାଇକ୍ ଓ ସାଇକେଲ୍ ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଯୁବପିଢ଼ି ଓ ସହରବାସୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବି. ବିବେକ ରେଡ୍ଡୀ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ନିଗମ କମିଶନର ଏ. ସସ୍ୟା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବରିଷ୍ଠ ସମାଜସେବୀ ସାରଦା ଶତପଥୀ, ସରୋଜ ସାବତ ଓ ବାଳକୃଷ୍ଣ ସାମନ୍ତରା ପ୍ରମୁଖ ଯୋଗଦେଇଥିଲେ।

# ୧୮ ରୁ ତିନି ଦିନିଆ ରାଜ୍ୟସ୍ତରୀୟ ଲୋକ ନାଟକ ମହୋତ୍ସବ




**ବ୍ରହ୍ମପୁର,(ପ୍ରତିଶବ୍ଦ) :** ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର, ଜିଲ୍ଲା ପ୍ରଶାସନ, ସଂସ୍କାର ଭାରତୀ,ଓଡ଼ିଶା ପ୍ରଦେଶ ଏବଂ ଓଡ଼ିଶା ନାଟକ ସମାରୋହ ସମିତି,ବ୍ରହ୍ମପୁରର ମିଳିତ ସହଯୋଗରେ ଲୋକନାଟକ ଉତ୍ସବ 'ଲୋକ ରଞ୍ଜନୀ' ଓଡ଼ିଶା ସରକାରଙ୍କ ତରଫରୁ ଚଳିତ ମାସ ୧୮ ତାରିଖ ରୁ ୨୦ ତାରିଖ ୩ ଦିନ ବ୍ୟାପି ' ବିଜୁ ପଟ୍ଟନାୟକ ସଂସ୍କୃତି ଭବନ' ,ବ୍ରହ୍ମପୁର ଠାରେ ପ୍ରତିଦିନ ସଂଧ୍ୟାରେ ଆୟୋଜିତ ହେବ । ଏହାର ସଫଳତା ପାଇଁ ଓଡ଼ିଶା ନାଟକ ସମାରୋହ ସମିତି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ବିଭିନ୍ନ ସଂସ୍କୃତି ପ୍ରାଣା ବ୍ୟକ୍ତି ଓ ବୁଦ୍ଧିଜିବୀ ଉକ୍ତ କାର୍ଯ୍ୟକ୍ରମ ର ସୁଦୂର ପ୍ରସାରୀ ପ୍ରଭାବ କୁ ସମ୍ମାନ ଦେଇ ସଫଳତା କାମନା ସହ ସହଯୋଗ ର ବାର୍ତ୍ତା ପ୍ରଦାନ କରିଥିଲେ । ସଭାପତି ଅନିଲ ପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ସଭାରେ ସାଧାରଣ ସଂପାଦକ ନାରାୟଣ ମହାକୁଡ, ସମ୍ପାଦକ ଦୁର୍ଗା ପ୍ରସାଦ ଆଚାରୀ, କୃଷ୍ଣ ପଣ୍ଡା ଓ ଆବାହକ ଭବାନୀ ଶଙ୍କର ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ,ନାଟ୍ୟ ପ୍ରେମୀ ,କଳାକାର ଉପସ୍ଥିତ ରହି ଏହି ନାଟକ ମହୋତ୍ସବ କିପରି ସୁଚାରୁରୂପେ ପରିଚାଳିତ ହେବ ସେଥିନେଇ ଆଲୋଚନା ସହ ନିଷ୍ପତି ନିଆଯାଇଥିଲା । ବୈଠକରେ ବାଇମୁନି ଚର୍ଚ୍ଚି,ମଦନ ମିଶ୍ର, ସୁଶାନ୍ତ ସାବତ, ବିଘ୍ନେଶ୍ୱର ସାହୁ, ଯାମିନୀ କାନ୍ତ ଦାସ, ଆରତୀ ପାତ୍ର, କୈଳାଶ ତ୍ରିପାଠୀ, ରବି ନାରାୟଣ ବେହେରା, ସୁଦୀପ କୁମାର୍ ସାହୁ ,ସରୋଜ ପଣ୍ଡା।, ରାମଚନ୍ଦ୍ର ସାମଲ,ରାଜୁ ପାଢ଼ୀ,ପ୍ରଦୀପ କୁମାର୍ ପଣ୍ଡା, ମନୋଜ ପାଣିଗ୍ରାହୀ, ସତ୍ୟବ୍ରତ ଦାସ, ସୁନୀଲ ସ୍ୱାଇଁ, ମିହିର ପାଣିଗ୍ରାହୀ, ସନ୍ୟାସୀ ମହାରଣା,କାର୍ତ୍ତିକ ପାଣିଗ୍ରାହୀ, ନଳିନୀ ଗୌଡ଼, ଗୋପାଳ ପଟ୍ଟନାୟକ ଙ୍କ ସମେତ ବହୁ କଳାପ୍ରେମୀ ଉପସ୍ଥିତ ଥିଲେ ।

### ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲା

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର,(ପ୍ରତିଶବ୍ଦ) :** ଏକ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ସମ୍ପର୍କିତ ପୋକ୍ସୋ ମାମଲାର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବରୁ ପୋକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକ ବୁଧବାର ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।ନିର୍ଦ୍ଦୋଷରେ ଖଲାସ ହୋଇଥିବା ଅଭିଯୁକ୍ତ ହେଲେ ବୁଗୁଡ଼ା ଥାନା ଅଞ୍ଚଳର କବିରାଜ ସାହୁ (୫୦)। ଅଭିଯୋଗ ଅନୁଯାୟୀ, ୨୦୧୯ ଏପ୍ରିଲ୍ ମାସରେ ବୁଗୁଡ଼ା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଭାଇ ଫୋନ୍ କରିଛି ବୋଲି କହି ଅଭିଯୁକ୍ତ ଘରକୁ ଡାକି ଛାତ ଉପରକୁ ନେଇଥିଲେ। ସେଠାରେ ବିସ୍କୁଟ ଖାଇବାକୁ ଦେବା ପରେ ନାବାଳିକା ଚେତାଶୂନ୍ୟ ହୋଇପଡ଼ିଥିବା ଅଭିଯୋଗ ହୋଇଥିଲା। ପରେ ଚେତା ଫେରିବା ପରେ ନାବାଳିକା ନିଜକୁ ଅସ୍ୱାଭାବିକ ଅବସ୍ଥାରେ ଦେଖି ଘରକୁ ଯାଇ ମାଆଙ୍କୁ ଘଟଣା ସମ୍ପର୍କରେ କହିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ତାଙ୍କୁ ହଇରାଣ କରିବା ସହ ଧମକ ଦେଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ପରିବାର ପକ୍ଷରୁ ଏନେଇ ବୁଗୁଡ଼ା ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ମାମଲାଟି ପୋକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକଙ୍କ କୋର୍ଟରେ ବିଚାରାଧୀନ ରହିଥିଲା। ବିଚାରଣା ସମୟରେ ମୋଟ ୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ଅଭିଯୋଗ ପ୍ରମାଣ ପାଇଁ ଆବଶ୍ୟକ ଓ ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତ କବିରାଜ ସାହୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଚକ୍ରପାଣି ନାହାକ ମାମଲା ପରିଚାଳନା କରୁଥିବା ବେଳେ ବର୍ଣ୍ଣି ପଟ୍ଟନାୟକ, ସୁବ୍ରତ ପଟ୍ଟନାୟକ, ନାରାୟଣ ପ୍ରଧାନ, ମନୀଷା ପ୍ରାସାଦ ସାମନ୍ତ ସିଂହାର ଓ ନିବେଦିତା ସାହୁ ସହଯୋଗ କରିଥିଲେ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ



**ବ୍ରହ୍ମପୁର,(ପ୍ରତିଶବ୍ଦ) :** ଆଜି ବ୍ରହ୍ମା ନଗର ଓ ଜ୍ୟୋତି ନଗର ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଏକ 'ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ର ଆୟୋଜନ ହୋଇଯାଇଛି। P.M.Medicare ଙ୍କ ତତ୍ତ୍ୱାବଧାନରେ ପ୍ରାୟୋଜିତ ଉକ୍ତ ସ୍ୱାସ୍ଥ୍ୟ ସେବା ଶିବିରରେ ଡଃ.ସତ୍ୟ ରଞ୍ଜନ ସେଠୀ, ଭେଷଜ ବିଭାଗ (Asst.Prof. Medicine) ନିଜ ସହଯୋଗୀ ଙ୍କ ସହ ଯୋଗଦେଇ, ରୋଗ ପରିକ୍ଷଣ ଓ ନିଦାନ କରିଥିଲେ।ଯେଉଁଥିରେକି, ଉଚ୍ଚ ରକ୍ତ ଚାପ,ମଧୁମେହ ପରିକ୍ଷଣ ସହିତ ତ୍ରି-ମାସିକ ହାରାହାରି ରକ୍ତ ଶର୍କରା ପରିକ୍ଷା,ଲୁପିଡ୍ ପ୍ରୋଫାଇଲ୍ (କୋଲୋଷ୍ଟ୍ରାଲ), ନେରୋପାଥିକ୍(Norve Test), ଶ୍ୱାସ (Palomonary), ୟୁରିକ୍ ଏସିଡ୍(Uric Acid) ଇତ୍ୟାଦି ପରିକ୍ଷା ଦେୟ ମୁକ୍ତ ଭାବେ କରାଯାଇଥିଲା। ମଞ୍ଚ ସଭାପତି ହୀନ ବେହେରାଙ୍କ ମାର୍ଗଦର୍ଶନ ଓ ଭବାନୀ ଶଙ୍କର ମିଶ୍ର ତଥା ଡଃ. ଅଜିତ ହୋତାଙ୍କ ଉପସ୍ଥିତିରେ ଆୟୋଜିତ ଉକ୍ତ ଶିବିରକୁ ରବିନ୍ଦ୍ର ନାଥ ସେଠୀ (ଡଃ ସତ୍ୟ ରଞ୍ଜନ ସେଠୀଙ୍କ ପିତା)ଙ୍କ ଦ୍ୱାରା ଶୁଭ ଉଦ୍ଘାଟନ କରାଯାଇଥିଲା। ଏ ସବୁର ଆୟୋଜନାରେ ସୁକାନ୍ତ କୁମାର ପଟ୍ଟନାୟକ, ଶରତ୍ ଚନ୍ଦ୍ର ମହାପାତ୍ର ଓ ଉମାଶଙ୍କର ପାଣି କାର୍ଯ୍ୟ ତଦାରଖ କରିଥିଲା ବେଳେ ଶ୍ରୀମତୀ ମୀନତି ସାହୁ ଓ କ.ରାମା ରାଓ ରେଡ୍ଡୀ ଆଗନ୍ତୁକଙ୍କ ନାମ ପଞ୍ଜିକରଣ ଦାୟିତ୍ୱ ନିର୍ବାହ କରିଥିଲେ । ଏଥିରେ ମଞ୍ଚର ଅଧିକାଂଶ ସଦସ୍ୟ ସଦସ୍ୟା ଉତ୍ସାହ ପୂର୍ବକ ଯୋଗ ଦେଇଥିବା ବହୁ ପ୍ରଣିଧାନଯୋଗ୍ୟ ଥିଲା। ଏଥିରେ ଶତାଧିକ ଲୋକେ ଉପକୃତ ହୋଇଥିଲା ବେଳେ ରୋଗ ନିର୍ଣ୍ଣୟ ଓ ପରିକ୍ଷଣ ରେ P.M.Health Care ତରଫରୁ ବିବେକାନନ୍ଦ ମହାପାତ୍ର, ଚିତ୍ତରଞ୍ଜନ ପାଣିଗ୍ରାହୀ, ସ୍ନିଗ୍ଧା,ସ୍ୱେତା, ହରି,ରଶ୍ମି ଇତ୍ୟାଦି ସହଯୋଗ କରିଥିଲେ। ମଞ୍ଚ ସଂଯୋଜକ ଙ୍କ ଦ୍ୱାରା ସୂଚନା।

# ମହେନ୍ଦ୍ର ଉଚ୍ଚବିଦ୍ୟାଳୟର ଯୁବ ଶିକ୍ଷକଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



**ଆଠମଲ୍ଲିକ,(ପ୍ରତିଶବ୍ଦ) :** ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ର କାର୍ଯ୍ୟରତ ଶିକ୍ଷକ ମୃତ୍ୟୁଞ୍ଜୟ ସାହୁ ବୁଧବାର ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୨୫ ବର୍ଷ ହୋଇଥିଲା ସେ ଗତ ବର୍ଷ ନଭେମ୍ବର ମାସରେ ନୂଆକରି ଚାକିରୀ ପାଇଥିଲେ ମାତ୍ର ନଅ ମାସ ପରେ ତାଙ୍କ ର ଏହିଭଳି ସଡ଼କ ଦୁର୍ଘଟଣା ରେ ଆକସ୍ମିକ ମୃତ୍ୟୁ ଖବର ସ୍କୁଲ ଶିକ୍ଷକ, ଛାତ୍ର ଛାତ୍ରୀ ଓ ଜନସାଧାରଣଙ୍କ ମନରେ ଶୋକର ଛାୟା ଖେଳି ଯାଇଥିଲା ଲ ସ୍ୱର୍ଗତ ସାହୁ ଜଣେ ମେଧାବୀ, ଜ୍ଞାନୀ, ମିଷ୍ଟଭାସି ତଥା କର୍ତ୍ତବ୍ୟ ପରାୟଣ ଶିକ୍ଷକ ହୋଇଥିବାରୁ ତାଙ୍କର ସହକର୍ମୀ, ଛାତ୍ର ଛାତ୍ରୀ, ଓ ଅଭିଭାବକ ମନେ ଖବର ଶୁଣି ଭାବ ପ୍ରବଣ ହୋଇ ପଡ଼ିଥିଲେ । ଏ ପରିପେକ୍ଷୀ ରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ପରିଚାଳନା କମିଟି କୁ ନେଇ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଞ୍ଜଳି ସଭା ରେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ ସ୍ୱର୍ଗତ ଶିକ୍ଷକ ମୃତ୍ୟୁଞ୍ଜୟ ସାହୁଙ୍କ ଗୁଣାବଳୀ ଉପରେ ଆଲୋକ ପାତ କରିଥିଲେ ଓ ସ୍ୱର୍ଗତ ଶିକ୍ଷକ ଙ୍କର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରା ଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭା ରେ ଶିକ୍ଷକ ପ୍ରଦୀପ ସେଠୀ, ଧବଳେଶ୍ୱର ଦେହୁରୀ, ସତ୍ୟରଞ୍ଜନ ଜେନା, ଗୋପାଳ ନାଗ, ମାନସ ରଞ୍ଜନ ସାହୁ, ଶିକ୍ଷୟତ୍ରୀ ସ୍ୱାଗତିକା ସାହୁ, ଜ୍ୟୋସ୍ନା ରାଣୀ ତରିଆ, ପ୍ରିୟ ଦର୍ଶନୀ ରାଉଳ, ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ମେସୁଆ, ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ପରିଚାଳନା କମିଟି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହେଲେ ଲୋକକଳାପ୍ରେମୀ ଓ ସମାଜସେବିକା ଅନେଶ୍ୱା



**ବ୍ରହ୍ମପୁର,(ପ୍ରତିଶବ୍ଦ) :** ଭାରତର ସମୃଦ୍ଧ ଲୋକକଳା ଓ ଲୋକପରମ୍ପରାର ସଂରକ୍ଷଣ ଓ ପ୍ରସାର ଲକ୍ଷ୍ୟରେ ଅନ୍ୱେଷା କଳା କେନ୍ଦ୍ର ଓ ଇଣ୍ଡିଆ ହାବିଟାଟ୍ ସେଣ୍ଟର ର ମିଳିତ ଭାବେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରର ଷ୍ଟାଇନ୍ ଅଡିଟୋରିୟମ୍‌ରେ 'ଆଇଏଚସି ଲୋକ ସଙ୍ଗୀତ ସମ୍ମିଳନୀ–୨୦୨୬' ର ଆୟୋଜନ କରାଯାଇଥିଲା। ଦୁଇ ଦିନିଆ ଏହି ଉତ୍ସବରେ ଛତିଶଗଡ଼ର ପଣ୍ଡବାନୀ ଏବଂ କେରଳର ପୁଲ୍ଲୁଭନ ପାଟ୍ଟୁ ପରି ଭାରତର ଦୁଇଟି ପ୍ରାଚୀନ ଓ ଅନନ୍ୟ ଲୋକକଳା ପରମ୍ପରାକୁ ଏକ ମଞ୍ଚରେ ଉପସ୍ଥାପିତ କରାଯାଇଥିଲା । ଉଦ୍‌ଘାଟନୀ ସନ୍ଧ୍ୟା ତୀଜନ ବାଇଙ୍କୁ ଶ୍ରଦ୍ଧାଞ୍ଜଳି ଭାବେ ସମର୍ପିତ କରାଯାଇଥିଲା । ଏହି ଅବସରରେ ପ୍ରଖ୍ୟାତ ପଣ୍ଡବାନୀ ଶିଳ୍ପୀ ପ୍ରଭା ଯାଦବ ତାଙ୍କ ସହଯୋଗୀ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆ ହାବିଟାଟ୍ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଡ୍. କେ.ଜି. ସୁରେଶ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇଙ୍କ, ବରିଷ୍ଠ ସାମ୍ବାଦିକ ଆ.ର କୃଷ୍ଣ ଦାସ ଏବଂ ଧରସିୱା ବିଧାୟକ ତଥା ଛତିଶଗଡ଼ର ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା ଅନୁଜ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ସର୍ପ ଉପାସନା ଓ ମନ୍ଦିର ପରମ୍ପରା ସହ ଜଡିତ ସଙ୍ଗୀତ ଶୈଳୀକୁ ଶ୍ରୀ ସଙ୍କରନ୍ ମେମୋରିଆଲ୍ ପୁଲ୍ଲୁଭନ ପାଟ୍ଟୁ କଳା ସମିତିର ସତ୍ୟନାରାୟଣନ ପି.ଙ୍କ ନେତୃତ୍ୱରେ ପରିବେଷଣ କରାଯାଇଥିଲା । ଏହି ଅବସରରେ ଅନ୍ୱେଷା କଳା କେନ୍ଦ୍ରର ସମ୍ପାଦିକା ତଥା ଲୋକ କଳା ପ୍ରେମୀ ଓ ସମାଜସେବିକା ଅନ୍ୱେଷା ବ୍ରହ୍ମାଙ୍କୁ ସମ୍ମାନିତ କରାଯାଇଥିଲା। ଇଣ୍ଡିଆ ହାବିଟାଟ୍ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଡ୍. କେ.ଜି. ସୁରେଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ଅନେଶ୍ୱା ଙ୍କୁ ଏପରି ସଫଳ ଉତ୍ସବ ଲାଗି ଅଭିନନ୍ଦନ ଜଣାଇ ଥିଲେ । ଏପରି ସଫଳତା କାଯ୍ୟକ୍ରମ ସହ ସମ୍ବର୍ଦ୍ଧନା ଲାଗି ଅନେଶ୍ୱାଙ୍କୁ ବିଭିନ୍ନ ମହଲରୁ ପ୍ରସଂଶା କରାଯାଇଛି ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ




**ବ୍ରହ୍ମପୁର,(ପ୍ରତିଶବ୍ଦ) :** ପ୍ରଯୁକ୍ତିବିଦ୍ୟା ଏବଂ କାର୍ଯ୍ୟକ୍ଷେତ୍ର ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବାରୁ ଯୁବପିଢ଼ିଙ୍କୁ ନିରନ୍ତର ଭାବେ ନିଜ ଦକ୍ଷତାର ଉନ୍ନତି କରିବା ସହ ନୂତନତ୍ୱକୁ ଆପଣାଇବା ଏବଂ ଉଦୀୟମାନ ସୁଯୋଗ ସହ ନିଜକୁ ଖାପ ଖୁଆଇବା ଆବଶ୍ୟକ । ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ନରେନ୍ଦ୍ରପୁର କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ଏପରି ମତପୋଷଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍)ର ପ୍ରତିନିଧିମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପରିବର୍ତ୍ତିତ କାର୍ଯ୍ୟକ୍ଷେତ୍ର, ଯୁବପିଢ଼ିଙ୍କ ପାଇଁ ଉପଲବ୍ଧ ନୂଆ ସୁଯୋଗ ଏବଂ ଭବିଷ୍ୟତରେ ଦକ୍ଷତାର ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କୁ ପାରମ୍ପରିକ କ୍ୟାରିୟର ବିକଳ୍ପ ବାହାରେ ଚିନ୍ତା କରିବା ସହ ନିଜର ଆଗ୍ରହ ଓ ରୁଚିକୁ ଉଦୀୟମାନ କାର୍ଯ୍ୟକ୍ଷେତ୍ର ସହ ଯୋଡ଼ିବାକୁ ପରାମର୍ଶ ଦିଆଯାଇଥିଲା । କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ଯୋଗାଯୋଗ ଦକ୍ଷତା, ସୃଜନଶୀଳତା, ସମାଲୋଚନାତ୍ମକ ଚିନ୍ତନ ଏବଂ ନିରନ୍ତର ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା । ଓଡ଼ିଶା ପରିପ୍ରେକ୍ଷୀରେ ଏହି ଆଲୋଚନା ବିଶେଷ ଗୁରୁତ୍ୱ ବହନ କରୁଛି । ଦକ୍ଷତା ବିକାଶ ଏବଂ ଭବିଷ୍ୟତର ଆବଶ୍ୟକତା ଅନୁରୂପ ଦକ୍ଷ ମାନବ ସମ୍ବଳ ଗଠନ ରାଜ୍ୟର ପ୍ରମୁଖ ପ୍ରାଥମିକତା ମଧ୍ୟରେ ରହିଛି । ରାଜ୍ୟର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ 'ସ୍କିଲ୍ - ଇନ୍ - ଓଡ଼ିଶା'କୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ଏଥିସହ ସଦ୍ୟ ପ୍ରକାଶିତ ରାଜ୍ୟ ଆର୍ଥିକ ସର୍ବେକ୍ଷଣରେ ଡିଜିଟାଲ ଦକ୍ଷତାର ବିକାଶ ଏବଂ କୃତ୍ରିମ ବୁଦ୍ଧିମତ୍ତା ଦକ୍ଷତା ଉପରେ ବର୍ଦ୍ଧିତ ଗୁରୁତ୍ୱ ସମ୍ପର୍କରେ ପିଲାଙ୍କୁ ଅବଗତ କରାଯାଇଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଭାଗ ନେଇ ନିଜର ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ମତ ବିନିମୟ କରିଥିଲେ ଏବଂ କ୍ୟାରିୟର, ପ୍ରଯୁକ୍ତିବିଦ୍ୟା ଓ ପରିବର୍ତ୍ତିତ କାର୍ଯ୍ୟକ୍ଷେତ୍ରର ଆବଶ୍ୟକତା ସମ୍ପର୍କରେ ପ୍ରଶ୍ନ କରିଥିଲେ । ଡିଜିଟାଲ ସମ୍ବଳର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସହ ନିଜର ନିଯୁକ୍ତିକ୍ଷମତା ଏବଂ ଉଦ୍ୟୋଗ ସମ୍ଭାବନା ବୃଦ୍ଧି କରିପାରୁଥିବା ଦକ୍ଷତା ବିକାଶ କରିବାକୁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଶିଖିବା, ପରିବର୍ତ୍ତନକୁ ଆପଣାଇବା, ସମୟୋପଯୋଗୀ ଦକ୍ଷତା ବିକଶିତ କରିବା ଏବଂ ଉଦୀୟମାନ ସୁଯୋଗକୁ ସମାଜ ପାଇଁ ସାର୍ଥକ ଅବଦାନରେ ପରିଣତ କରିବାର ବାର୍ତ୍ତା ଦିଆଯାଇଥିଲା ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୪ ଅଗଷ୍ଟ ୨୦୨୬

### ମାନବିକତାର ପରିଚୟ ଦେଲା 'ବିନ୍ଦୁମିନା ସେବା ଫାଉଣ୍ଡେସନ'

## ଭୁବନେଶ୍ୱରରୁ ଗାଁକୁ ଫେରିଲା ମହିଳାଙ୍କ ମୃତଦେହ

**କଳାହାଣ୍ଡି,(ପ୍ରତିଶବ୍ଦ) :** ସତରେ ଏ ଦୁନିଆରେ କିଛି ବ୍ୟକ୍ତିଙ୍କୁ ଅକାଳରେ ଏବଂ ଅନିଚ୍ଛା ସତ୍ତ୍ୱେ ସଂସାର ଛାଡ଼ି ଚାଲିଯିବାକୁ ପଡ଼ିଥାଏ। ହେଲେ ପରିବାର ପ୍ରତି ଥିବା ଦାୟିତ୍ୱ ଅଧାରେ ରହିଯିବା ଫଳରେ ପଛରେ ରହିଯାଇଥିବା ସ୍ୱାମୀ ଓ ଛୋଟ ଛୋଟ ସନ୍ତାନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଖଲିଆକାନୀ ଗ୍ରାମ ପଞ୍ଚାୟତର କୁରେସିନୀ ଗାଁରେ। ସୂଚନା ଅନୁଯାୟୀ, କୁରେସିନୀ ଗ୍ରାମର ଶ୍ରୀଯୁକ୍ତ ସଂଗୁ ନାଏକଙ୍କ ପତ୍ନୀ ସଜନୀ ନାଏକ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ସମ ହସ୍ପିଟାଲରେ



ଚିକିତ୍ସିତ ହେଉଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ହସ୍ପିଟାଲରେ ମୃତ ମାଆଙ୍କ ପାଖରେ ତାଙ୍କର ଏକ ନାବାଳକ ପୁଅ ଓ ସ୍ୱାମୀ ଉପସ୍ଥିତ ଥିଲେ ମଧ୍ୟ ଆର୍ଥିକ ଅଭାବ ଯୋଗୁଁ ମୃତଦେହକୁ ନିଜ ଗାଁ କୁରେସିନୀକୁ ଆଣିବା ପାଇଁ ସେମାନେ ସମ୍ପୂର୍ଣ୍ଣ ଅସମର୍ଥ ଥିଲେ।ଏହି ସଂକଟ ସମୟରେ ମୃତ ମହିଳାଙ୍କ ପୁଅ ସୋସିଆଲ ମିଡ଼ିଆ ମାଧ୍ୟମରେ ସହଯୋଗ ପାଇଁ ଆକୁଳ ନିବେଦନ କରିଥିଲେ। ଏହା ଦେଖି ସ୍ଥାନୀୟ ଯୁବକ ପିଣ୍ଟୁ ମେହେର, ପିଣ୍ଟୁ ନାଏକ, ହୁତେଶ ମସ୍ରା ଓ ବୈଶାଖୁ କେତକୀ ପ୍ରମୁଖ ତୁରନ୍ତ 'ବିନ୍ଦୁମିନା ସେବା ଫାଉଣ୍ଡେସନ'ର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦଙ୍କ ସହ ଯୋଗାଯୋଗ କରିଥିଲେ।ଖବର ପାଇବା ମାତ୍ରେ ବିନ୍ଦୁମିନା ସେବା ଫାଉଣ୍ଡେସନ ପକ୍ଷରୁ ତୁରନ୍ତ ତତ୍ପରତା ପ୍ରକାଶ କରାଯାଇ ଭୁବନେଶ୍ୱରରୁ କୁରେସିନୀ ଗ୍ରାମକୁ ମୃତଦେହ ଆଣିବା ପାଇଁ ଏକ ଗାଡ଼ିର ମାଗଣା ବ୍ୟବସ୍ଥା କରାଯାଇଥିଲା। ଫାଉଣ୍ଡେସନର ଏହି ମହତ ସହଯୋଗ ଯୋଗୁଁ ମୃତଦେହ ଆଜି ନିଜ ଗାଁରେ ପହଞ୍ଚିବା ପରେ ସମ୍ମାନର ଗ୍ରାମ୍ୟ ସ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବିପଦ ସମୟରେ ଫାଉଣ୍ଡେସନର ଏଭଳି ଅହରହ ମାନବ ସେବା ଓ ମହାନତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୂରି ଭୂରି ପ୍ରଶଂସା କରିଛନ୍ତି।

## ଓଡିଆ ସାହିତ୍ୟ ମହୋତ୍ସବରେ ବଲାଙ୍ଗୀର ପ୍ରତିନିଧି

**ବଲାଙ୍ଗୀର, (ପ୍ରତିଶବ୍ଦ) :** ଜଗନ୍ନାଥ ଧାମ ପୁରୀ ର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ତିନି ଧରି ଓଡିଶା ସାହିତ୍ୟ ମହୋତ୍ସବ ଓ ରାଷ୍ଟ୍ରୀୟ ଯୁବ ସାହିତ୍ୟ ମହୋତ୍ସବ



ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖାରୁ ୨୫ ଜଣ ପ୍ରତିନିଧି ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରବନ୍ଧ ପାଠରେ ଡ. ଭବାନୀ ଶଙ୍କର ପଟେଲ ଓ କବିତା ପାଠରେ ଚୁମକି ଦାସ, ସବିତା ଭୋଇ, ଗିରିଜା ରଥ, ରଶ୍ମି ପାତ୍ର, ମଦନ ରଥ, ନଳିନୀ ଶତପଥୀ, ସଂଯୁକ୍ତା ମେହେର, ଗୋପୀକୃଷ୍ଣ ପାଣ୍ଡିଆ, ଡା. ଭବାନୀ ଶଙ୍କର ପଟେଲ ଅଂଶ ଗ୍ରହଣ କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଦୁଇ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ପ୍ରାନ୍ତ ରୁ କବି ତଥା ସାହିତ୍ୟିକମାନେ ଯୋଗ ଦେଇ ଥିଲେ । ଉଦ୍‌ଘାଟନ ଉତ୍ସବରେ ମାନ୍ୟବର ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗ ଦେଇଥିଲେ । ଅତିଥିମାନଙ୍କ ମଧ୍ୟରେ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଭାତ କୁମାର ମହାପାତ୍ର ଓ ଓଡିଆ ବିଶ୍ୱ ବିଦ୍ୟାଳୟର କୁଳପତି ସତ୍ୟ ନାରାୟଣ ଆଚାର୍ଯ୍ୟ, କେନ୍ଦ୍ର ସାହିତ୍ୟ ଏକାଡେମୀ ର ଉପସଭାପତି ପ୍ରଫେସର କୁମୁଦ ଶର୍ମା, ଓଡିଆ ସାହିତ୍ୟ ପରିଷଦ କେନ୍ଦ୍ରିୟ ମନ୍ତ୍ରୀ ପବନ କୁମାର, ଅଖିଳ ଭାରତୀୟ ପ୍ରାନ୍ତର ସଭାପତି ଅଭୟ କୁମାର ନାୟକ, ସାଧାରଣ ସଂପାଦକ ସନ୍ତୋଷ କୁମାର ମହାପାତ୍ର, ସଂଗଠନ ମନ୍ତ୍ରୀ ନାରାୟଣ ନାୟକ, ସଂପାଦକ ରାମକୃଷ୍ଣ ତ୍ରିପାଠୀ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ କବି ଓ ଲେଖକଙ୍କ ସାହିତ୍ୟ କୃତି ଉପରେ ଆଲୋଚନା ହୋଇଥିଲା। ରାଷ୍ଟ୍ର ବୋଧ ଆଧାରିତ ୧୫୦ ଗୋଟି କବିତା ପଠନ ହେଇଥିଲା । ଯାହା ମାନ୍ୟବର ସଂପାଦକ ପ୍ରକାଶିତ କରିବାକୁ ରାଜି ହୋଇଛନ୍ତି । ବଲାଙ୍ଗିର ପାଟଣାଗଡ ମହିଳା କଲେଜର ଛାତ୍ରୀମାନେ ପ୍ରବଂଧ ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ରେ ଯଥାକ୍ରମେ ବର୍ଷା ଭୋଇ ସ୍ମୃତି ସାହୁ, ଜ୍ୟୋତି ସାହୁ ଙ୍କୁ ସମ୍ମାନିତ ହୋଇଥିଲେ । ଏହି ମହୋତ୍ସବ ରେ ସଂପାଦକ ରାମ ଚନ୍ଦ୍ର ପଟେଲ, ରଙ୍କ ମଣି ବାରିକ, ବିଭୁତି ଭୁଷଣ ମିଶ୍ର, ବିରଂଚି ନାରାୟଣ ଦାଶ, ସୁନାଧର ବନଛୋର, ଲକ୍ଷ୍ମଣ ତ୍ରିପାଠୀ, ଦୟାନିଧି ନାଏକ, ଗୋପାଳ ପ୍ରଧାନ, ସତ୍ୟାନନ୍ଦ ବିଶ୍ୱାଳ ଯୋଗ ଦେଇ ସହଯୋଗ କରିଥିଲେ ।

### ଗାଁକୁ ଯାଇପାରିଲାନି ଶବବାହକ ଗାଡ଼ି

## ୮ କିଲୋମିଟର ଖଟିଆରେ ବୁହାହେଲା ଦାଦନଙ୍କ ମୃତଦେହ

**କଳାହାଣ୍ଡି,(ପ୍ରତିଶବ୍ଦ) :** ଆମେ ଭାରତ ବାସୀ ଆଉ ଦୁଇ ଦିନ ପରେ ପାଳିବୁ ଅମୃତ ଉତ୍ସବ ବା ୮୦ ତମ ସ୍ୱାଧୀନତା ଦିବସ। ଗାଁଠୁ ସହର, ସବୁଠି ତ୍ରିରଙ୍ଗା ବିକାଶର ବଡ଼ ବଡ଼ ଦାବି ଓ ଅମୃତ ଉତ୍ସବର ଆଡ଼ମ୍ବର ଭିତରେ । କିନ୍ତୁ ଏୟା ଭିତରେ କଳାହାଣ୍ଡିର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶର ଚିତ୍ର ଦେଖିଲେ ଲାଗୁଛି,ଏଠାରେ ସ୍ୱାଧୀନତା ଏବେ ବି ରାସ୍ତା ଖୋଜୁଛି ।ଏହି ରାସ୍ତା ଖୋଜାରେ ରହିଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପାଡେପଦର ପଞ୍ଚାୟତ ଖମାରପଦର ଭାଟିଫାସ ଗାଁ । ଏହି ଗାଁ ର ଦାଦନ ଶ୍ରମିକ ଶିବ ମାଝୀ ଦାଦନ ଖଟି ଯାଇଥିବା ବେଳେ ହାଇଦ୍ରାବାଦରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଜାଗାରୁ ପରିବାର ଲୋକଙ୍କ ପାଖ କୁ ଶିବ ମାଝୀ ଙ୍କ ଶବ କୁ ନେଇ ଆସିଥିଲା ଆମ୍ବୁଲାନ୍ସ। କିନ୍ତୁ ଗାଁ ନିକଟ ପର୍ଯ୍ୟନ୍ତ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆଉ ଗାଁ ଭିତରକୁ ଯାଇ ପାରିଲା ନାହିଁ । ପ୍ରାୟ ଗାଁ ଠାରୁ ୮ କିଲୋମିଟର ଦୂରରେ



ଅଟକି ରହିଲା ଆମ୍ବୁଲାନ୍ସ ।

ଆମ୍ବୁଲାନ୍ସ କେମିତି ହେଲେ ଗାଁ ଭିତରକୁ ଯାଇ ପାରନ୍ତା । ଗାଁ ରାସ୍ତା କାଦୁଅ ପଚ ପଚ ଖାଲ ଖମାରେ ଭରି ହୋଇ ଥିବାରୁ ଡୁର୍ମୁଣୀନାଳ ନିକଟରେ ଅଟକିଗଲା ଆମ୍ବୁଲାନ୍ସ। ସନ୍ଧ୍ୟା ହୋଇ ଯିବାରୁ ଶବ ସହ ରାତିସାରା ସେଠାରେ ପଡ଼ି ରହିଲା ଗାଡ଼ି । ସକାଳ ପାଇଲା ପରେ ପରିବାର ସହ ଗ୍ରାମବାସୀ

### ବିକାଶର ଜବାବ ମାଗୁଛି କଳାହାଣ୍ଡି

ଏକ ଖଟିଆରେ ଶିବ ମାଝୀଙ୍କ ଶବକୁ ପ୍ରାୟ ୮ କିଲୋମିଟର ବୋହି ଗାଁ ନିକଟକୁ ଆଣିଲେ। ଏହାକୁ ନେଇ ଜିଲ୍ଲାର ବିକାଶ ଚିତ୍ରର ପ୍ରଶ୍ନ ଉଠୁଛି ଯେ, ନିରୀହ ଲୋକର ଶବ କୁ ବୋହିବାରେ ସହଯୋଗ କରିବା ପାଇଁ ବିଭିନ୍ନ ସମସ୍ୟା କାରଣ ରୁ ବୋହିଲା କିଏ ? ପରିବାର ନା ସରକାରୀ ବ୍ୟବସ୍ଥା ? ପ୍ରଶାସନ ଏହାର ଉତ୍ତର ଦେଇ ପାରିବ କି ? ଜବାବ ମାଗୁଛି କଳାହାଣ୍ଡି । ଯେଉଁଠି ଜୀବନ୍ତ ରୋଗୀ ଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଦରକାର, ସେଠାରେ ରାସ୍ତା ଅଭାବରୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରୁନି। ଗର୍ଭବତୀ ମହିଳାଙ୍କ ପ୍ରସବ ଯନ୍ତ୍ରଣା ହେଉ କି ମୁମୂର୍ଷୁ ରୋଗୀଙ୍କ ଜୀବନ ବଞ୍ଚାଇବାର ଜରୁରୀ ମୁହୂର୍ତ୍ତ ହେଉ –ପ୍ରତିଥର ରାସ୍ତା ହିଁ ଏଠାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି । ଏହା ଆଜିର କେବଳ ଶବକୁ ୮ କିଲୋମିଟର ବୋହିବାର ଘଟଣା ନୁହେଁ । ଏହା ସେହି ବ୍ୟବସ୍ଥାର ଚିତ୍ର, ଯେଉଁଠି କାଗଜ ରେ ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ଗାଁ ଦୁଆରେ ପହଞ୍ଚିଛି । କିନ୍ତୁ ବାସ୍ତବରେ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁଠୁ ୮ କିଲୋମିଟର ଦୂରରେ ଅଟକି ଯାଉଛି ।ସ୍ୱାଧୀନତା ଦିବସରେ ତ୍ରିରଙ୍ଗା ଉଡ଼ିବ, ନେତା ମନ୍ତ୍ରୀ ବିକାଶ ଭାଷଣ ଦେବେ, ବିକାଶର ଗୁଣଗାନ ଦେବେ । କିନ୍ତୁ କଳାହାଣ୍ଡି ର ବିକାଶ ଚିତ୍ର କେତେ ଦୂର ରେ ଅଛି ପ୍ରଶାସନ କୁ ଏହି ଗାଁ ପଚାରିବ–"ଆମେ ସତରେ ସ୍ୱାଧୀନତା ଅଛେ। ଆଉ ନେତା ମନ୍ତ୍ରୀ ଙ୍କ ଭାଷଣ ରେ କେତେ ଦମ ରହିଛି ତାହାର ଜବାବ ମାଗୁଛି କଳାହାଣ୍ଡି ର ଖମାର ପଦର ଭାଟି ଫାସ ଗାଁ ।

## ମାସ ମାସ ଧରି ଅଚଳ ହାଇମାଷ୍ଟ ଲାଇଟ୍

### ଅନ୍ଧାରରେ ଖପ୍ରାଖୋଲ ମୁଖ୍ୟଛକ

**ଖପ୍ରାଖୋଲ,(ପ୍ରତିଶବ୍ଦ) :** ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲକୁ ସଦର ଅଞ୍ଚଳ ଭାବେ କୁହାଯାଉଥିବା ବେଳେ ଏଠାର ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଦେଖିଲେ ଯେକେହି ପ୍ରଶ୍ନ କରିବାକୁ ବାଧ୍ୟ ହେବେ ସରକାରୀ



ଯୋଜନାରେ ଲାଇଟ୍ ଲାଗୁଛି, ହେଲେ ତାହାର ରକ୍ଷଣାବେକ୍ଷଣ କରିବ କିଏ ? ଖପ୍ରାଖୋଲ ମୁଖ୍ୟ ଚାରିଛକରେ ଲାଗିଥିବା ହାଇମାକ୍ସ ଲାଇଟ୍ ମାସ ମାସ ଧରି ଅଚଳ ହୋଇ ପଡ଼ିଛି। ଲାଇଟ୍ ଖରାପ ହୋଇଥିଲେ ମଧ୍ୟ ଏହାର ମରାମତି ପାଇଁ ସମ୍ପୃକ୍ତ ବିଭାଗର ତତ୍ପରତା ଦେଖିବାକୁ ମିଳୁନାହିଁ। ଫଳରେ ସନ୍ଧ୍ୟା ହେଲେ ଖପ୍ରାଖୋଲର ମୁଖ୍ୟ ଛକ ଅନ୍ଧାରରେ ବୁଡି ରହୁଛି। ଏହି ଛକରେ ଦୈନିକ ବହୁ ଲୋକଙ୍କ ଯାତାୟାତ ରହୁଥିବାରୁ ଅନ୍ଧାର ଯୋଗୁଁ ଦୁର୍ଘଟଣା ଓ ଅସାମାଜିକ କାର୍ଯ୍ୟକଳାପର ଆଶଙ୍କା ମଧ୍ୟ ବଢୁଛି। କେବଳ ମୁଖ୍ୟ ଛକ ନୁହେଁ, ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟ ଛକରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ର ଅବସ୍ଥା ମଧ୍ୟ ସମାନ। ରାତି ହେଲେ ଏହି ଲାଇଟ୍ ଜଳୁନଥିବାରୁ ଅଞ୍ଚଳଟି ଅନ୍ଧାରମୟ ହୋଇପଡୁଛି। ଏହାର ନିକଟରେ କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲ ରହିଥିବାରୁ ରାତ୍ରି ସମୟରେ ଆଲୋକ ବ୍ୟବସ୍ଥା ନଥିବା ଘଟଣାକୁ ଅଧିକ ଗୁରୁତର କରିଛି । ସରକାରୀ ଅର୍ଥ ବ୍ୟୟ କରି ଲାଇଟ୍ ଲଗାଇଦେବା ପରେ ତାହାର ରକ୍ଷଣାବେକ୍ଷଣ ଓ ମରାମତି ପ୍ରତି ଯଦି ବିଭାଗର ଦୃଷ୍ଟି ନଥାଏ, ତେବେ ଏଭଳି ଯୋଜନାର ଉଦ୍ଦେଶ୍ୟ କ'ଣ ଏହା ଏବେ ସାଧାରଣ ଲୋକଙ୍କ ମୁଖ୍ୟ ପ୍ରଶ୍ନ। ମାସ ମାସ ଧରି ଲାଇଟ୍ ଅଚଳ ରହିବା ସତ୍ତ୍ୱେ ମରାମତି ନହେବା ବିଭାଗୀୟ ଅବହେଳା ଓ ଦାୟିତ୍ୱହୀନତାକୁ ସ୍ପଷ୍ଟ କରୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଲୋକଙ୍କ ସୁରକ୍ଷା ଓ ସୁବିଧା ପାଇଁ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଯଦି ଜଳିବ ନାହିଁ, ତେବେ ତାହା କେବଳ ଶୋଭା ବଢ଼ାଇବା ପାଇଁ ଲଗାଯାଇଛି କି ବୋଲି ମଧ୍ୟ ପ୍ରଶ୍ନ ଉଠୁଛି। ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଅଚଳ ଲାଇଟ୍‌ଗୁଡ଼ିକର ମରାମତି କରିବା ସହ ନିୟମିତ ରକ୍ଷଣାବେକ୍ଷଣର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

**ରାଇଘର,(ପ୍ରତିଶବ୍ଦ) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପ୍ରଶାସନ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ମନ୍ଦିର ଠାରୁ




ବିରାଟ ଶୋଭାଯାତ୍ରା ରେ ବାହାରି ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚି ଥିଲେ। ଛାତ୍ର ଛାତ୍ରୀ ଏକତ୍ରିତ ହୋଇ ଶୋଭାଯାତ୍ରା ରେ ସାମିଲ ହୋଇ ବଜାର ଦେଇ ବ୍ଲକ ଠାରେ ପହଂଚି ଥିଲେ ।ସେଠାରେ ବ୍ଲକ ପ୍ରଶାସନ ଏକସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ରେ ଓଡ଼ିଶା ସରକାର ଙ୍କ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଶିବ ନାଥ ବାନାର୍ଜୀ, ବିଶ୍ୱ ନାଥ ସିଲ୍,ମନୋହର ଦଣ୍ଡସେନା, ଗୋଷ୍ଠି ଉନ୍ନୟନ ଅଧିକାରୀ ରିତୁ ସିଂ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ସମସ୍ତ ବିଭଗୀୟ ଅଧିକାରି ଙ୍କ ସମେତ ବହୁ ଜନସାଧାରଣ ତଥା ଯୁବ ସମାଜ ଯୋଗ ଦେଇ ଥିଲେ।

## ଏମ୍‌ଜିଏନ୍‌ଆରଇଜିଏ ଚାରା ପ୍ରକଳ୍ପର ଏନ୍‌ଏମ୍‌ଏମ୍‌ଏସ୍ ଫଟୋରେ ନାବାଳକ

- ୧୦ହଜାର ଚାରାରୋପଣ କାମରେ ଶ୍ରମିକ ଉପସ୍ଥାନକୁ ନେଇ ବଡ଼ ପ୍ରଶ୍ନ
- ମଷ୍ଟର ରୋଲ୍ ଓ ମଜୁରି ପ୍ରଦାନର ସରକାରୀ ଯାଞ୍ଚ ଦାବି

**କଳାହାଣ୍ଡି,(ପ୍ରତିଶବ୍ଦ) :** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ କାନ୍ତେସିର ଗ୍ରାମ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ଅଧୀନରେ ଚାଲିଥିବା ୧୦ ହଜାରଟି ତିନି ମାସିଆ ଚାରା ପ୍ରସ୍ତୁତି କାମକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଉପଲବ୍ଧ ସରକାରୀ ଏନ୍‌ଏମ୍‌ଏମ୍‌ଏସ୍ ଉପସ୍ଥାନ ରେକର୍ଡରେ ୧୮ ମେ ୨୦୨୫ ତାରିଖରେ ୧୦ ଜଣ ଶ୍ରମିକଙ୍କୁ ଉପସ୍ଥିତ ଦର୍ଶାଯାଇଥିବା ବେଳେ, ସେହି ଦିନର କାର୍ଯ୍ୟସ୍ଥଳ ଗୋଷ୍ଠୀ ଫଟୋରେ ଜଣେ ବ୍ୟକ୍ତି ଦେଖିବାକୁ ନାବାଳକ ପରି ଲାଗୁଥିବା ଦୃଶ୍ୟ ନଜରକୁ ଆସିଛି; ତେବେ କେବଳ ଫଟୋର ଚେହେରା କିମ୍ବା ଶାରୀରିକ ଗଠନ ଦେଖି କାହାର ବୟସ ନିଶ୍ଚିତ କରିହେବ ନାହିଁ, ତେଣୁ ଏହାକୁ ଏକ ଯାଞ୍ଚଯୋଗ୍ୟ ପ୍ରଶ୍ନ ଭାବେ ଦେଖିବା ହିଁ ତଥ୍ୟଭିତ୍ତିକ ଆଭିମୁଖ୍ୟ। ଏହି କାମର ସରକାରୀ କାର୍ଯ୍ୟ କୋଡ୍ ୨୪୧୦୦୦୨/ଡିପି/୧୦୮୮୯୯୨୬ ହୋଇଥିବା ବେଳେ, କାନ୍ତେସିର ପଞ୍ଚାୟତ ଅଧୀନରେ ଏହା ଚାରା ପ୍ରସ୍ତୁତି ସମ୍ପର୍କିତ କାମ ଭାବେ ରେକର୍ଡ ହୋଇଛି। ଏନ୍‌ଏମ୍‌ଏମ୍‌ଏସ୍ ରେକର୍ଡ ଅନୁସାରେ ୧୮ ମେ ଦିନ ଭଗବାନ, ସନ୍ତୋଷିନୀ, ଶରତ, ଦଳିମ୍ବ ବାଗ, ରାଜୁ ବାଗ, ଯାଦବ ସାହୁ, ରାସବତୀ ସାହୁ, ରମିଳା ସାହୁ, ବିକ୍ରମ ନାଏକ ଓ ଗୋଲାପୀ ନାଏକଙ୍କୁ ଉପସ୍ଥିତ ଦର୍ଶାଯାଇଛି। ରେକର୍ଡରେ ଗୋଷ୍ଠୀ ଫଟୋଟି ୧୮ ମେ ୨୦୨୫ ସକାଳ ୧୦ଟା ୧୦ ମିନିଟ୍ ୩୨ ସେକେଣ୍ଡରେ ନିଆଯାଇଥିବା ଏବଂ ପ୍ରାୟ ୬ ମିନିଟ୍ ପରେ ଅପଲୋଡ୍ ହୋଇଥିବା ଦର୍ଶାଯାଇଛି। ଫଟୋ ନେଇଥିବା ବ୍ୟକ୍ତି ଭାବେ ରସ୍ମିରେଖା ନାଏକ ଏବଂ ତାଙ୍କ ପଦବୀ ଗ୍ରାମ ପଞ୍ଚାୟତ ସ୍ତର ବୋଲି ଉଲ୍ଲେଖ ରହିଛି; ଫଟୋ ସହିତ ଭୌଗୋଳିକ ସ୍ଥାନାଙ୍କ ମଧ୍ୟ ରେକର୍ଡ ହୋଇଛି। ଆହୁରି ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଏହି ରେକର୍ଡରେ "ଦ୍ୱିତୀୟ ଫଟୋ ଅପଲୋଡ୍ ହୋଇନାହିଁ" ବୋଲି ସ୍ପଷ୍ଟ ଭାବେ ଦର୍ଶାଯାଇଛି। ଏଠାରୁ ପ୍ରଶ୍ନ ଉଠୁଛି ଫଟୋରେ ଦେଖାଯାଉଥିବା ସନ୍ଦେହଜନକ ବୟସର ବ୍ୟକ୍ତି କିଏ, ସେ କି ପ୍ରକୃତରେ ଏମ୍‌ଜିଏନ୍‌ଆରଇଜିଏ ଶ୍ରମିକ, ତାଙ୍କ ନାମ ମଷ୍ଟର ରୋଲ୍‌ରେ ଅଛି କି, ତାଙ୍କ ନାମରେ ଉପସ୍ଥାନ ଦିଆଯାଇଛି କି ଏବଂ ତାଙ୍କ ନାମରେ ସରକାରୀ ମଜୁରି ପ୍ରଦାନ ହୋଇଛି କି ? ଏହି ପ୍ରଶ୍ନଗୁଡ଼ିକର



ଉତ୍ତର କେବଳ ଫଟୋରୁ ମିଳିବ ନାହିଁ; ଏଥିପାଇଁ ସମ୍ପୃକ୍ତ ଶ୍ରମିକଙ୍କ ଜବ୍ କାର୍ଡ, ବୟସର ସରକାରୀ ପ୍ରମାଣ, ମଷ୍ଟର ରୋଲ୍, ଏନ୍‌ଏମ୍‌ଏମ୍‌ଏସ୍ ଉପସ୍ଥାନ, ମଜୁରି ପ୍ରଦାନ ତଥ୍ୟ ଓ ଏଫ୍‌ଟିଓ ମଧ୍ୟରେ ମେଳ ଯାଞ୍ଚ ଆବଶ୍ୟକ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନର ଧାରା ୨ ଅନୁସାରେ "ପ୍ରାପ୍ତବୟସ୍କ" ବୋଲି ୧୮ ବର୍ଷ ପୂରଣ କରିଥିବା ବ୍ୟକ୍ତିଙ୍କୁ ବୁଝାଯାଏ; ଏବଂ ଯୋଜନା ଅଧୀନରେ ନିଯୁକ୍ତି ପାଇଁ ପରିବାରର ପ୍ରାପ୍ତବୟସ୍କ ସଦସ୍ୟଙ୍କ ନାମ ଓ ବୟସ ଦର୍ଜ କରାଯିବାର ବ୍ୟବସ୍ଥା ରହିଛି। ତେଣୁ ଯଦି ସରକାରୀ ଦଲିଲ ଯାଞ୍ଚ ପରେ ଫଟୋରେ ଥିବା ବ୍ୟକ୍ତିଙ୍କ ବୟସ ୧୮ ବର୍ଷରୁ କମ୍ ବୋଲି ପ୍ରମାଣିତ ହୁଏ ଏବଂ ସେହି ବ୍ୟକ୍ତିଙ୍କୁ ଏମ୍‌ଜିଏନ୍‌ଆରଇଜିଏ ଶ୍ରମିକ ଭାବେ ଉପସ୍ଥିତ ଦର୍ଶାଇ ତାଙ୍କ ନାମରେ ମଜୁରି ଦିଆଯାଇଥାଏ, ତେବେ ଏହା ଗୁରୁତର ପ୍ରଶାସନିକ ଓ ନିୟମଗତ ଅନିୟମିତତାର ବିଷୟ ହୋଇପାରେ। ଅନ୍ୟପକ୍ଷରେ, ଯଦି ସେ ଶ୍ରମିକ ନୁହନ୍ତି ଏବଂ କୌଣସି କାରଣରୁ କାର୍ଯ୍ୟସ୍ଥଳରେ ଉପସ୍ଥିତ ଥିଲେ, ତେବେ ତାହାର ମଧ୍ୟ ସ୍ପଷ୍ଟୀକରଣ ଆବଶ୍ୟକ। ଏହି ଘଟଣାରେ ଆଉ ଏକ ବଡ଼ ପ୍ରଶ୍ନ ହେଉଛି ୧୦ ହଜାର ଚାରା ପ୍ରସ୍ତୁତି ପାଇଁ କେତେ ଶ୍ରମଦିନ ଅନୁମୋଦିତ ହୋଇଥିଲା, କେତେ ଶ୍ରମଦିନ ବାସ୍ତବରେ ଦର୍ଶାଯାଇଛି, କେତେ ଟଙ୍କା ମଜୁରି ଭାବେ ପ୍ରଦାନ ହୋଇଛି, କାମର ମାପ ବହିରେ କେତେ ପରିମାଣ ଦର୍ଜ ହୋଇଛି ଏବଂ ନିର୍ଦ୍ଧାରିତ ୧୦ ହଜାର ଚାରା ବାସ୍ତବରେ ପ୍ରସ୍ତୁତ ହୋଇଛି କି ନାହିଁ।

## ୧୨ ରୁ ୧୮ ଆଣ୍ଟି ରାଗିଂ ସପ୍ତାହ ପାଳନ

**କଳାହାଣ୍ଡି,(ପ୍ରତିଶବ୍ଦ) :** ପ୍ରତିବର୍ଷ ଅଗଷ୍ଟ ୧୨ରୁ ୧୮ ଆଣ୍ଟିଂ ରାଗିଂ ସପ୍ତାହ ପାଳନ କରାଯାଉଛି। କଳାହାଣ୍ଡି ଜିଲାରେ ଏହି ସପ୍ତାହ ପାଳନକୁ ନେଇ ଶିକ୍ଷାନୁଷ୍ଠାନ ବେଶ ଚଳଚଞ୍ଚଳ। ଏହି ସପ୍ତାହରେ ରାଗିଂ ବିରୋଧରେ ସଚେତନତା, ଶପଥପାଠ ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତି ବର୍ଷ ଏପରି ସଚେତନତା କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ କଳାହାଣ୍ଡିରେ ରାଗିଂ ଅଭିଯୋଗ କମୁନାହିଁ। ଜିଲାର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ, ଓଡ଼ିଶା କୃଷି ମହାବିଦ୍ୟାଳୟ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ବିନାୟକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଳି ଅନୁଷ୍ଠାନରେ ଗତ କିଛିବର୍ଷରେ ରାଗିଂ ଅଭିଯୋଗ ଚର୍ଚ୍ଚାକୁ ଆସିଥିଲା। ଚଳିତ ବର୍ଷ ସରକାରୀ ପଲିଟେକନିକ କଲେଜରେ ମଧ୍ୟ ରାଗିଂ ଅଭିଯୋଗ ହୋଇଥିଲା। ରାଗିଂ ପ୍ରସଙ୍ଗ ଉଠିଲେ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ ତୋଫାଳି ନାଏକଙ୍କ ମୃତ୍ୟୁ ଘଟଣା ଚର୍ଚ୍ଚାକୁ ଆସେ। ୨୦୨୪ ଡିସେମ୍ବରରେ ରାଗିଂ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ଆସିଥିଲା। ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା ହୋଇଥିଲେ ମଧ୍ୟ ପରିବାର ଏବେ ବି ନ୍ୟାୟ ଅପେକ୍ଷାରେ ରହିଛନ୍ତି। ଏହି ଘଟଣା ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ଆଣ୍ଟିରାଗିଂ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଥିଲା। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିୟମିତ ଭାବେ ଆଣ୍ଟି-ରାଗିଂ ନିୟମ କଡ଼ାକଡ଼ି ପାଳନ, ସଚେତନତା କାର୍ଯ୍ୟକ୍ରମ, କମିଟି ଓ ସ୍କ୍ୱାଡ୍ ଗଠନ ପାଇଁ ନିର୍ଦ୍ଦେଶ ଆସୁଛି ହେଲେ ନିର୍ଦ୍ଦେଶ ଓ ବାସ୍ତବ ସ୍ଥିତି ମଧ୍ୟରେ ଫରକ ରହୁଥିବା ଅଭିଯୋଗ ହେଉଛି। ଛାତ୍ରନେତାଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ଜିଲାସ୍ତରରେ ପ୍ରଭାବୀ ଆଣ୍ଟି ରାଗିଂ କମିଟି ନ ଥିଲା । ୨୦୨୪ ଏପ୍ରିଲ ୧୮ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ଗଠନ ପାଇଁ ନିର୍ଦ୍ଦେଶ ହୋଇଥିଲା। ଏହାର ପ୍ରାୟ ଦୁଇବର୍ଷ ପରେ ଗତ ମେ ୧୫ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଛି। କମିଟିରେ ଛାତ୍ର ସଂଗଠନର ପ୍ରତିନିଧିଙ୍କୁ ସାମିଲ କରିବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ କଳାହାଣ୍ଡିର କୌଣସି ପ୍ରତିନିଧିଙ୍କୁ ସ୍ଥାନ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। କଳାହାଣ୍ଡି ଛାତ୍ର ସଂଘର ଅଭିଯୋଗ ପରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଜିଲାପାଳଙ୍କୁ ଆଣ୍ଟିରାଗିଂ ନିୟମ କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## ପ୍ରଶାସନ ଓ ଜନତା ତରଫରୁ ଭବ୍ୟ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା

### କମ୍ପିଲା ଗୋଲାମୁଣ୍ଡାରୁ କେଗାଁ

**କଳାହାଣ୍ଡି,(ପ୍ରତିଶବ୍ଦ) :** ଦେଶପ୍ରେମର ଭାବନା ଏବଂ ଜାତୀୟତା ବୋଧକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ଓ ଜନତା ଙ୍କ ତରଫରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବ୍ୟାପକ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ବାଇକ ଆରୋହୀ ଏବଂ ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହୋଇଥିଲେ। ହାତରେ ଜାତୀୟ ପତାକା ଏବଂ ମୁଖରେ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ବାଇକ ଆରୋହୀମାନେ ସାରା ପରିବେଶକୁ ଦେଶପ୍ରେମର ରଙ୍ଗରେ ରଙ୍ଗେଇ ଦେଇଥିଲେ। ଏହି ବିଶାଳ ବାଇକ ଶୋଭାଯାତ୍ରାଟି ଗୋଲାମୁଣ୍ଡା ସଦର ମହକୁମାରୁ ବାହାରି ବୃନ୍ଦାବାହାଲ ଦେଇ କେଗାଁ ପର୍ଯ୍ୟନ୍ତ ଦୀର୍ଘ ପଥ ଅତିକ୍ରମ କରିଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଲୋକମାନେ ଠିଆ ହୋଇ ରାଲିକୁ ସ୍ୱାଗତ କରିବା ସହ ଆରୋହୀମାନଙ୍କର ଉତ୍ସାହ ବଢ଼ାଇଥିଲେ। ପ୍ରଶାସନର ଏହି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ଏକ ଅପୂର୍ବ ଜାଗରଣ ସୃଷ୍ଟି କରିଛି ।ଏହି ସ୍ୱତନ୍ତ୍ର ଏବଂ ଗୌରବମୟ ଅବସରରେ ରାଜ୍ୟ ବିଜେପି ଯୁବ କାର୍ଯ୍ୟ କାରିଣୀ ସଦସ୍ୟ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ, ତହସିଲଦାର ଚନ୍ଦନ ନାୟକ ଏବଂ ଏବିଡ଼ିଓ ବିଜୟ କୁମାର ନାୟକ, ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ଶେଳମା ପ୍ରମୁଖ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଶୋଭାଯାତ୍ରାର ଶୁଭାରମ୍ଭ କରିବା ସହ ନେତୃତ୍ୱ ନେଇଥିଲେ। ଜନସାଧାରଣଙ୍କ ମଧ୍ୟରେ ଜାତୀୟ ପତାକା ପ୍ରତି ସମ୍ମାନ ଏବଂ ଏକତା ବଜାୟ ରଖିବା ପାଇଁ ପ୍ରଶାସନିକ ଅଧିକାରୀମାନେ ନିଜ ନିଜ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ। ଏଥିସହିତ ସମାଜର ବିଭିନ୍ନ ବର୍ଗର ପ୍ରମୁଖ ବ୍ୟକ୍ତିବିଶେଷ ମଧ୍ୟ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati